Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୦୬
Volum. - 22 ■ Issue No.- 06
Sunday ■ Balangir
ରବିବାର ■ ବଲାଙ୍ଗିର

# KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com
R.N.I.No.: ODIODI/2000/03637 / ୧୨ ଡିସେମ୍ବର - ୧୮ ଡିସେମ୍ବର ୨୦୨୧ / 12 Dec. - 18 Dec. 2021 / Odia Weekly / 8 Pages / Rs.2/- only

## ଆତ୍ମ ସମର୍ପଣ କଲେ ମହିଳା ମାଓବାଦୀ



ନବରଙ୍ଗପୁର, (ନିପ୍ର) : ଆତ୍ମ ସମର୍ପଣ କଲେ ମହିଳା ମାଓବାଦୀ। ଛତିଶଗଡ ମେନପୁର ଡିଭିଜନର ଜଣେ ହାର୍ଡକୋର ମାଓବାଦୀ ଆତ୍ମ ସମର୍ପଣ କରିଛନ୍ତି । ତାଙ୍କ ନାଁ କମଲେଶ୍ୱରୀ ମରେଇ ଓରଫ ଅମିଳା । ଦକ୍ଷିଣାଂଚଳ ଡିଆଇଜି ଓ ରାଜେଶ ପଣ୍ଡିତ ଏବଂ ନବରଙ୍ଗପୁର ଜିଲ୍ଲା ଏସ୍‌ପି ପୁରୁଷୋତ୍ତମ ଦାସଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଅମିଲା । ଏହି ମହିଳା ମାଓବାଦୀ ଜଣକ ଛତିଶଗଡ ମେନପୁରର ନୂଆ ଡିଭିଜନ ପାଇଁ କାମ କରୁଥିଲେ । ନକ୍ସଲମାନଙ୍କ ହିଂସାତ୍ମକ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସେ ସଂଗଠନ ଛାଡିବା ପାଇଁ ନିଜେ ନିଷ୍ପତି ନେଇଥିଲେ । ମାଓବାଦୀ ଅମିଲା ଜଣେ ଉଚ୍ଚଶିକ୍ଷିତା ଅଟନ୍ତି । କମ୍ପ୍ୟୁଟର ଚଳାଇବା ଜାଣିଥିବା ସହ ବିଭିନ୍ନ ଆଗ୍ନେୟ ଅସ୍ତ୍ର ଚଳାଇବାର ଅଭିଜ୍ଞତା ମଧ୍ୟ ରଖିଛନ୍ତି, ସେ ମାଓ କ୍ୟାମ୍ପରେ କ୍ୟାଡ଼ରମାନଙ୍କୁ ଶିକ୍ଷାଦାନ ମଧ୍ୟ କରୁଥିଲେ । ଓଡ଼ିଶାରେ ମାଓବାଦୀଙ୍କ ଥଇଥାନ ପାଇଁ ଭଲ ଯୋଜନା ସହ ସୁରକ୍ଷା ଦୃଷ୍ଟିରୁ ଓଡିଶା ସୁରକ୍ଷିତ ଥିବା ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାର ଉଦେଶ୍ୟ ନେଇ ଅମିଲା ଆତ୍ମସମର୍ପଣ କରିଛନ୍ତି । ସେ ୨୦୧୯ରୁ ମାଓ ସଂଗଠନ ସହ ଜଡ଼ିତ ଥିଲେ । ତାଙ୍କୁ ଏକ ଲକ୍ଷ ଟଙ୍କା ସହ ଚାକିରୀ, ଜମି ସହ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ନବରଙ୍ଗପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଦକ୍ଷିଣ ପଶ୍ଚିମାଂଚଳ କୋରାପୁଟ ଡିଆଇଜି ରାଜେଶ ପଣ୍ଡିତ ଏହି ସାମ୍ବାଦିକ ସମ୍ମିଳନୀରେ ଡିଆଇଜିଙ୍କ ସହ ସିଆରପିଏଫ୍ ରତନ କୁମାର ସିଂହ, ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକଙ୍କ ପୁରୁଷୋତ୍ତମ ଦାସ ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟ ମାଓବାଦୀ ମଧ୍ୟ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଛନ୍ତି ଡିଆଇଜି ପଣ୍ଡିତ ।

## ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ପୋଲିସ ଏସ୍‌ଆଇ ଫକୀର ମୋହନ ସିଂହ

ଯାଜପୁର : ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନାର ପୋଲିସ ଏସ୍‌ଆଇ ଫକୀର ମୋହନ ସିଂହ । ଆଜି ଅପରାହ୍ନ ୪ଟା ୧୫ମି. ସମୟରେ ୬ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ତାଙ୍କୁ କାବୁ କରିଛି ଭିଜିଲାନ୍ସ ଟିମ୍ । ଜଣେ ଅଭିଯୁକ୍ତଙ୍କୁ ଗିରଫ୍ ନ କରିବା ପାଇଁ ସେ ଲାଂଚ ନେଉଥିବା କୁହାଯାଇଛି ।

ଏ ସଂପର୍କରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଟ୍ୱିଟର୍ ମାଧ୍ୟମରେ ସୂଚନା ଦିଆଯାଇଛି ।

## ଯୋଗୀଙ୍କ ମନ୍ତ୍ରୀ ଶ୍ରୀକୃଷ୍ଣ ମନ୍ଦିର ବିଷୟରେ କହିଛନ୍ତି– ଯଦି ମଥୁରାରେ ମନ୍ଦିର ନିର୍ମାଣ ନହୁଏ, ତେବେ କ'ଣ ଲାହୋରରେ ହେବ ?



ଲକ୍ଷ୍ନୌ : ଉତ୍ତରପ୍ରଦେଶ କ୍ୟାବିନେଟ ମନ୍ତ୍ରୀ ଚୌଧୁରୀ ଲକ୍ଷ୍ମୀ ନାରାୟଣ ତାଙ୍କ ବକ୍ତବ୍ୟ ହେତୁ ପୁଣି ଥରେ ଖବରରେ ଅଛନ୍ତି । ଲକ୍ଷ୍ମୀ ନାରାୟଣ ପ୍ରଶ୍ନ କରିଛନ୍ତି ଯେ, ଯଦି ଭଗବାନ କୃଷ୍ଣଙ୍କ ମନ୍ଦିର ମଥୁରାରେ ହେବନାହିଁ, ତେବେ ଏହା କ'ଣ ପାକିସ୍ତାନର ଲାହୋରରେ ନିର୍ମିତ ହେବ ? ରାଜ୍ୟର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ଅନ୍ୟ ଜଣେ ମନ୍ତ୍ରୀ ମୋଗଲ ଯୁଗର ଶାହି ଇଦ୍‌ଗାହ (ଯାହା ଭଗବାନ କୃଷ୍ଣଙ୍କର ମୂଳ ଜନ୍ମସ୍ଥାନ ବୋଲି ବିଶ୍ୱାସ କରାଯାଏ)ରେ ମନ୍ଦିର ନିର୍ମାଣ ବିବୃତ୍ତି ପ୍ରସଙ୍ଗରେ ସେ ଏଭଳି ବିବୃତ୍ତି ଦେଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନଭେମ୍ବରରେ ଅଖିଳ ଭାରତୀୟ ହିନ୍ଦୁ ମହାସଭା ରାଜଶ୍ରୀ ଚୌଧୁରୀ ମହାସଭାର ଯୋଜନା ବିଷୟରେ ପ୍ରକାଶ କରିବା ବେଳେ ଗଣମାଧ୍ୟମକୁ କହିଛନ୍ତି ଯେ ତାଙ୍କ ସଂଗଠନର ଅଧିକାରୀ, ସଦସ୍ୟ ତଥା ସାଧାରଣ ହିନ୍ଦୁ ମତାବଲଂବୀମାନେ ଶ୍ରୀକୃଷ୍ଣ ଜନ୍ମ ଭୂମି କମ୍ପ୍ଲେକ୍ସରେ ଅବସ୍ଥିତ ଶାହି ଇଦ୍ ?ଗାହରେ ଲଡୁ ଗୋପାଳଙ୍କ ଜଳାଭିଷେକ କରିବେ ।

## ଉତ୍ତରପ୍ରଦେଶ ଗୋରଖପୁରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କେତେକ ବିକାଶମୂଳକ ପ୍ରକଳ୍ପ ଲୋକାର୍ପିତ



- ଏମ୍ସ, ସାର କାରଖାନା ଓ ଆଇସିଏମ୍‌ଆର କେନ୍ଦ୍ର ଉଦ୍‌ଘାଟିତ
- ଦ୍ୱୈତ ଇଞ୍ଜିନ ସରକାର ବିକାଶମୂଳକ କାର୍ଯ୍ୟର ଗତିକୁ ଦ୍ୱିଗୁଣିତ କରେ–ପ୍ରଧାନମନ୍ତ୍ରୀ
- "ଯେଉଁ ସରକାର ବଞ୍ଚିତ ଓ ଶୋଷିତଙ୍କ କଥା ଚିନ୍ତା କରେ ଓ କଠିନ ପରିଶ୍ରମ କରେ ସେ ତାର ସୁଫଳ ପାଇବ"
- "ଆଜିର ଘଟଣା ହେଉଛି ନବଭାରତ ସଂକଳ୍ପର ପ୍ରାମାଣିକ ତଥ୍ୟ ଯାହା ପାଇଁ କିଛି ବି ଅସମ୍ଭବ ନୁହେଁ"
- "ଆଖୁ ଚାଷୀଙ୍କ ସୁବିଧା ପାଇଁ ଉତ୍ତରପ୍ରଦେଶ ସରକାର ଧନ୍ୟବାଦର ପାତ୍ର"

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଉତ୍ତରପ୍ରଦେଶର ଗୋରଖପୁରଠାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ପ୍ରଧାନମନ୍ତ୍ରୀ ଗୋରଖପୁରଠାରେ ଏମ୍ସ ଏବଂ ସାରକାରଖାନା ସହିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆଇସିଏମ୍‌ଆର)ନୂତନ ଭବନ ପାଇଁ ଉତ୍ତରପ୍ରଦେଶ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ପାଞ୍ଚ ବର୍ଷ ପୂର୍ବରୁ ଏମ୍ସ ଓ ସାରକାରଖାନା ଉଭୟର ଶିଳାନ୍ୟାସ କରିଥିବା ସ୍ମୃତିଚାରଣ କରି ଆଜି ତାହାର ଉଦ୍‌ଘାଟନ, ସରକାର ହାତକୁ ନେଉଥିବା କାର୍ଯ୍ୟ ଶେଷ କରିବା ଏକ କର୍ମ ସଂସ୍କୃତି ହୋଇଛି ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଯେତେବେଳେ ଏକ ଦ୍ୱୈତ ଇଞ୍ଜିନ ସରକାର କାର୍ଯ୍ୟ କରେ, ସେତେବେଳେ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଗତି ମଧ୍ୟ ଦୁଇଗୁଣ ହୋଇଥାଏ । ଯେତେବେଳେ ଭଲ ଅଭିପ୍ରାୟ ରଖି କାର୍ଯ୍ୟ କରାଯାଇଥାଏ, ସେତେବେଳେ ବିପର୍ଯ୍ୟୟ ମଧ୍ୟ କୌଣସି ବିଘ୍ନ ଘଟାଇ ପାରେ ନାହିଁ । ଯେତେବେଳେ ଗୋଟିଏ ସରକାର ଗରିବ, ଅବହେଳିତ ଓ ବଞ୍ଚିତ ଲୋକମାନଙ୍କ କଥା ବୁଝେ, ଏହା କଠିନ ପରିଶ୍ରମ କରିଥାଏ ସେମାନଙ୍କ ହିତ ମଧ୍ୟ ସାଧନ କରିଥାଏ । ଯେତେବେଳେ ନବଭାରତ ସଂକଳ୍ପବଦ୍ଧ, ସେତେବେଳେ କିଛି ମଧ୍ୟ ଅସମ୍ଭବ ଯେ ନୁହଁ, ଆଜିର ଘଟଣା ତା'ର ପ୍ରମାଣ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏକ ତ୍ରିମୁଖୀ ପଦକ୍ଷେପ ସ୍ୱରୂପ ସରକାର ଶତପ୍ରତିଶତ ନିମ ପ୍ରଲୋପଯୁକ୍ତ ୟୁରିଆ ପ୍ରବର୍ତ୍ତନ କରି ଏହାର ଅପବ୍ୟବହାର ବନ୍ଦ କରିଛନ୍ତି । କୋଟି କୋଟି ଚାଷୀଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯାଇଛି, ଯାହା ଫଳରେ ସେମାନେ ନିଜର ଜମି ପାଇଁ ଆବଶ୍ୟକ ମୁତାବକ ସାର ସ୍ଥିର କରିପାରିବେ । ସରକାର ୟୁରିଆ ଉତ୍ପାଦନ ବୃଦ୍ଧି ନିମନ୍ତେ ଗୁରୁତ୍ୱ ଦେଉଛନ୍ତି । ବାଦ୍ ପଡିଥିବା ସାର କାରଖାନାଗୁଡିକୁ ଜୋର ଜବରଦସ୍ତ ଅଧିକ ସାର ଉତ୍ପାଦନ ନିମନ୍ତେ ପୁଣି ଖୋଲାଯାଉଛି । ଦେଶରେ ଆଉ ପାଞ୍ଚଟି ସାର କାରଖାନା ବିଭିନ୍ନ ସ୍ଥାନରେ ନିର୍ମିତ ହେଲା ପରେ ଦେଶ ପାଇଁ ୬୦ଲକ୍ଷ ଟନ୍ ୟୁରିଆ ଉପଲବ୍ଧ ହେବ ବୋଲି ଶ୍ରୀ ମୋଦୀ କହିଥିଲେ । ନିକଟରେ ଆଖୁ ଚାଷୀମାନଙ୍କ ନିମନ୍ତେ ଅଭୂତପୂର୍ବ କାର୍ଯ୍ୟ କରିଥିବାରୁ ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶ ସରକାରଙ୍କୁ ପ୍ରଶଂସା କରିଥିଲେ । ଆଖୁଚାଷୀଙ୍କୁ ସହାୟକ ମୂଲ୍ୟ ଏକାଥରକେ ତିନିହଜାର ଟଙ୍କା ଅଧିକ ପ୍ରଦାନ କରାଯାଉଛି ଯାହାକୁ ବିଗତ ଦଶବର୍ଷ ମଧ୍ୟରେ ହୋଇ ନ ଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସ୍ୱାଧୀନତା ପରେ ଚଳିତ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଦେଶରେ ଗୋଟିଏ ବୋଲି ଏମ୍ସ ଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଆଉ ଛଅଟି ଏମ୍ସକୁ ଅନୁମୋଦନ କରିଥିଲେ । ଗତ ସାତବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ସାତଟି ଏମ୍ସ ନିର୍ମାଣ କାର୍ଯ୍ୟ ଚାଲିଛି । ଦେଶର ପ୍ରତ୍ୟେକ ଜିଲ୍ଲାରେ ଅନ୍ୟୂନ୍ୟ ଗୋଟିଏ ଲେଖାଏଁ ମେଡିକାଲ କଲେଜ ରଖିବା ତାଙ୍କ ସରକାରଙ୍କ ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗୋରଖପୁର ଅଞ୍ଚଳରେ ସାର କାରଖାନାର ଗୁରୁତ୍ୱ ଉଭୟ ଚାଷୀ ଓ କର୍ମନିଯୁକ୍ତି ନିମନ୍ତେ କେତେ ଗୁରୁତ୍ୱପୂର୍ଣ୍ଣ ସମସ୍ତେ ଜାଣନ୍ତି । ଏହାର ଗୁରୁତ୍ୱ ଉପଲବ୍ଧି କରି ମଧ୍ୟ ପୂର୍ବ ସରକାରମାନେ ଏସବୁ ଖୋଲିବାକୁ ପ୍ରୟାସ କରି ନ ଥିଲେ । ସମସ୍ତେ ଜାଣନ୍ତି ଯେ ଗୋରଖପୁରରେ ଏମ୍ସ ଖୋଲିବା ପାଇଁ ବର୍ଷ ବର୍ଷ ଧରି ଦାବି ହୋଇ ଆସୁଥିଲା । ମାତ୍ର ୨୦୧୭ ପୂର୍ବରୁ ଯେଉଁମାନେ ରାଜ୍ୟରେ ଶାସନ କରୁଥିଲେ ସେମାନେ ଗୋରଖପୁରରେ ଏମ୍ସ ସ୍ଥାପନ ପାଇଁ ଜମି ଯୋଗାଇବାକୁ ଅନେକ ବାହାନା କରି ଏଡାଇ ଚାଲିଲେ । ପ୍ରଧାନମନ୍ତ୍ରୀ ସେ ଅଞ୍ଚଳରେ ଜାପାନୀ ମସ୍ତିଷ୍କଜ୍ୱର ହ୍ରାସ ସହ ଡାକ୍ତରୀ ଭିତ୍ତିଭୂମି ବୃଦ୍ଧି କଥା କହିଥିଲେ । ଏମ୍ସ ଓ

(ତୃତୀୟ ପୃଷ୍ଠା ଦେଖନ୍ତୁ)

## ଓଡ଼ିଆ ଚଳଚ୍ଚିତ୍ର 'ଅଲିଭା ଦାଗ'ର ପ୍ରଯୋଜକ, ଲେଖକ ଓ ନିର୍ଦ୍ଦେଶକ ତଥା ନାଟ୍ୟ ବୃହସ୍ପତି ବିପିନି ସାମନ୍ତଙ୍କ ବିୟୋଗ



ଗଞ୍ଜାମ, (ନିପ୍ର) : ଓଡ଼ିଆ ଚଳଚ୍ଚିତ୍ର 'ଅଲିଭା ଦାଗ'ର ନିର୍ମାତା ନାଟ୍ୟବୃହସ୍ପତି ବିପିନି ସାମନ୍ତ(୭୪)ଙ୍କ ଗଞ୍ଜାମ ବ୍ଲକ ଅନ୍ତର୍ଗତ ଗଡ଼ହୁମ୍ମା ଗ୍ରାମ ସ୍ଥିତ ନିଜଘରେ ବିୟୋଗ ଘଟିଛି । ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଗ୍ରାମାରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ସେ ଏକାଧାରରେ ନାଟ୍ୟକାର, ନାଟ୍ୟ ନିର୍ଦେଶକ ଓ ଲେଖକ ଭାବେ କଳାକାର ଜଗତରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ସେ ଭଞ୍ଜନଗରରେ ପ୍ରଥମେ ଡେମୋନଷ୍ଟ୍ରାଟର ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ସ୍ଥାନୀୟ ଅଞ୍ଚଳରେ ତାଙ୍କ ଜୀବନକାଳ ମଧ୍ୟରେ ସମାଜ କଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ବେଳେ ବହୁ ସାମାଜିକ ଅନୁଷ୍ଠାନ ସହ ଜଡିତ ଥିଲେ । ସେ ଜଣେ ପରୋପକାରୀ, ସ୍ପଷ୍ଟବାଦୀ, ମିଷ୍ଟଭାଷୀ, ମେଳାପୀ ପ୍ରକୃତିର ବ୍ୟକ୍ତି ଥିଲେ । ତାଙ୍କର ବିୟୋଗ ସମୟରେ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ ପ୍ରମୁଖ ତାଙ୍କ ବିୟୋଗରେ ଶୋକାବ୍ୟକ୍ତ କରିଛନ୍ତି ।

## ଓମିକ୍ରନ୍ ସଂକ୍ରମଣକୁ ରୋକିବା ପାଇଁ ଆଗୁଆ ପଦକ୍ଷେପ ନେଲା ବଲାଙ୍ଗିର ପୋଲିସ : କଡ଼ାକଡ଼ି କଲା ମାସ୍କ ଚେକିଂ




ବଲାଙ୍ଗିର, (ନିପ୍ର) : ସାରା ବିଶ୍ୱରେ କରୋନାର ନୂତନ ଭାରିଆଣ୍ଟ ଓମିକ୍ରନ୍ କାୟା ବିସ୍ତାର କରୁଥିବା ବେଳେ ଭାରତରେ ମଧ୍ୟ ଓମିକ୍ରନ୍ ତାର ସ୍ଥିତି ଜାହିର୍ କରିଛି । ତେବେ ଓମିକ୍ରନ୍ ସଂକ୍ରମଣକୁ ରୋକିବା ପାଇଁ ଆଗୁଆ ପଦକ୍ଷେପ ନେଇଛି ବଲାଙ୍ଗିର ପୋଲିସ । ସମସ୍ତେ ମାସ୍କ ପିନ୍ଧିବାକୁ ସାରା ସହରରେ ପୋଲିସ ପକ୍ଷରୁ ସଚେତନ କରାଯାଉଥିବା ବେଳେ ଆଜି ଟାଉନ୍ ଥାନା ସମ୍ମୁଖରେ କଡ଼ାକଡ଼ି ମାସ୍କ ଚେକିଂ ଚାଲିଥିବା ଦେଖିବାକୁ ମିଳିଛି । ଚେକିଂ ସମୟରେ ଏସ୍‌ଡ଼ିପିଓ ତୋଫାନ ବାଗ ଓ ଟାଉନ୍ ଥାନା ଆଇଆଇସି କେ. ପ୍ରିୟଙ୍କା ରାଉତରାୟ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରାଇଛନ୍ତି । ଯେଉଁମାନେ ମାସ୍କ ପରିଧାନ କରିନଥିଲେ ସେମାନଙ୍କୁ ମାସ୍କ ପିନ୍ଧାଇ ସଚେତନ କରାଯାଉଥିଲା । ଆଗାମୀ ସମୟରେ ମାସ୍କ ପରିଧାନ ନ କଲେ ତଥା କରୋନା ଗାଇଡ଼ଲାଇନ୍ ନମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ଡ଼ିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି ।

# କଳାହାଣ୍ଡିର ପ୍ରଥମ ସହୀଦ ରେଣ୍ଡୋ ମାଝୀ

● ହେମନ୍ତ ସାହୁ



କଳାହାଣ୍ଡିର ପ୍ରଥମ ସହୀଦ ରେଣ୍ଡୋ ମାଝୀ ଡିସେମ୍ବର ୧୦ ତାରିଖରେ ମନେ ପଡନ୍ତି । ରେଣ୍ଡୋ ମାଝୀଙ୍କୁ ନେଇ ବିଶେଷ କିଛି ତଥ୍ୟ ରହିନଥିଲେ ବି କଳାହାଣ୍ଡିର ଗେଜେଟିଅରରେ କିଛି ଧାଡି ଲେଖାକୁ ଆଧାର କରି ପ୍ରାୟ ନବେ ଶତକରେ ରେଣ୍ଡୋ ମାଝୀଙ୍କୁ ଆବିଷ୍କାର କରାଯାଇଥିଲା । ତା' ପରେ ପରେ ରେଣ୍ଡୋ ମାଝୀ ପାଲଟିଗଲେ ଆଦିବାସୀଙ୍କ ଭଗବାନ ।

ଦିନେ ଶାସନ ବିରୁଦ୍ଧରେ ସ୍ୱର ଉଚ୍ଚାରଣ କରି ଇଂରେଜ ସରକାରଙ୍କ ଆଖିରୁ ନିଦ ହଜାଇଥିଲା ଏଇ ମାଟିର ବୀର ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହୀଦ ରେଣ୍ଡୋ ମାଝୀ । ଯାହା ପାଇଁ ତାଙ୍କୁ ଶେଷରେ ଫାଶୀ ଖୁଂଟରେ ଝୁଲିବାକୁ ପଡିଥିଲା । କଳାହାଣ୍ଡିର ଏହି ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ଇତିହାସ କିନ୍ତୁ କେବଳ ଇତିହାସରେ ହିଁ ରହିଯାଇଛି । ତାଙ୍କୁ ଯେତିକି ସମ୍ମାନ ମିଳିବା କଥା ବା ପ୍ରଚାର ପ୍ରସାର ହେବା କଥା ସେତିକି ମାତ୍ରାରେ ହୋଇପାରିନାହିଁ । ସହୀଦ ରେଣ୍ଡୋ ମାଝୀ ଆଦିବାସୀଙ୍କୁ ଏକଜୁଟ୍ କରାଇ ଅତ୍ୟାଚାରୀ ଗୋରା ସରକାର ବିରୋଧରେ ଲଢେଇ କଲେ । ପରିଣାମ ସ୍ୱରୂପ ଶେଷରେ ଉର୍ଲାଦାନୀଠାରେ କଳାହାଣ୍ଡିର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କୁ ବ୍ରିଟିଶ ସରକାର ଫାଶୀ ଖୁଂଟରେ ଝୁଲାଇ ଦେଲେ । କିନ୍ତୁ ବିଡମ୍ବନା, ଏଯାଏଁ ସରକାରୀ ଖାତାରେ ସ୍ୱାଧୀନତା ସଂଗାମୀ ବୋଲି ତାଙ୍କୁ ମାନ୍ୟତା ମିଳିନାହିଁ । କେବଳ ସହୀଦ ଦିବସ ଆସିଲେ ଖୋଜାପଡା କିଛି ଫୁଲମାଳ ଏବଂ ଭାଷଣ । ଡିସେମ୍ବର ୧୦ରେ ତାଙ୍କର ୧୬୫ତମ ସହୀଦ ଦିବସ ପାଳନ ହେବାକୁ ଯାଉଛି । ସେହି କଳାହାଣ୍ଡିର ପ୍ରଥମ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ କାହାଣୀ । ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ମ.ରାମପୁର ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଘଂଚ ଜଙ୍ଗଲ ଘେରା ଗିରିକନ୍ଦ ଲୁବେନଗଡ ଗାଁର ବକେର୍କା କନ୍ଧ ଡାବିସା ମାଝୀଙ୍କ ଜ୍ୟେଷ୍ଠ ପୁତ୍ର ରୂପେ ରେଣ୍ଡୋ ମାଝୀ ଜନ୍ମ ଗ୍ରହଣ କରିଥିଲେ । ଏତିକି ବେଳେ ଇଂରେଜ ସରକାର ଭାରତରେ ଶାସନ କରୁଥିଲେ । ୧୮୪୫ ମସିହା ବେଳକୁ ଇଷ୍ଟ ଇଣ୍ଡିଆ କଂପାନୀ ଜନସ୍ୱାର୍ଥ ବିରୋଧୀ ଭୂରାଜସ୍ୱ ଆଇନ ଓ ବନଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିଷେଧାଦେଶ ଜାରି କରିଥିଲେ । ଆଦିବାସୀଙ୍କଠାରୁ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଗୋରା ସରକାର ଜୋରଜବରଦସ୍ତ କର ଆଦାୟ କରି ଜୁଲମ୍ କଲେ । ଏଇ ଅତ୍ୟାଚାର ଆଦିବାସୀଙ୍କ ମନରେ ଘୋର ଅସନ୍ତୋଷ ସୃଷ୍ଟି କରିଥିଲା । ସେତେବେଳେ କଳାହାଣ୍ଡି ଗଡଜାତ ରାଜ୍ୟକୁ ନାଗବଂଶୀୟ ରାଜାମାନେ ଶାସନ କରୁଥିଲେ । କଳାହାଣ୍ଡି ମହାରାଜାଙ୍କ ଅଧୀନରେ କର୍ଲାପାଟ, ମଦନପୁର-ରାମପୁର, ଲାଂଜିଗଡ ଜୟପାଟଣା, କାଶୀପୁର, ଥୁଆମୁଲ-ରାମପୁର, କଲମପୁର ଆଦି ଜମିଦାର ଅଂଚଳ ରହିଥିଲା । ମଦନପୁର-ରାମପୁର ଜମିଦାର ଶାସନ ଅନ୍ତର୍ଭୁକ୍ତ ଉର୍ଲାଦାନୀ ଗଡର ପାଟ ମାଝୀ ତଥା ଗାଁ ମୁଖିଆ ଥିଲେ ରେଣ୍ଡୋ ମାଝୀ । ବୀର କନ୍ଧ ସର୍ଦ୍ଦାର ରେଣ୍ଡୋ ମାଝୀ ଉର୍ଲାଦାନୀ ଓ ଲୁବେନଗଡ ଅଂଚଳର ଆଦିବାସୀମାନଙ୍କୁ ଏକଜୁଟ୍ କରି ଗୋରା ସରକାର ବିରୋଧରେ ପ୍ରଥମେ ସ୍ୱର ଉତ୍ତୋଳନ କଲେ । ଆଦିବାସୀମାନେ ରେଣ୍ଡୋ ମାଝୀଙ୍କ ନେତୃତ୍ୱରେ ଧନୁ ତୀର ଓ ବର୍ଚ୍ଛା ଧରି ଅତ୍ୟାଚାରୀ ଇଂରେଜ ବିରୋଧରେ ଲଢେଇ କଲେ । ସେତେବେଳେ ମେରିଆ ବଳୀ ପ୍ରଥା ଉଚ୍ଛେଦ ପାଇଁ ଲେଫ୍ଟନାଂଟ କର୍ଣ୍ଣେଲ କ୍ରାମ୍ପବେଲ ନାମକ ଗୋରା ସାହେବ ନିଯୁକ୍ତ ହୋଇଥିଲେ । ସେମାନଙ୍କ ଅତ୍ୟାଚାର ଓ ଆଦେଶକୁ ସର୍ଦ୍ଦାର ରେଣ୍ଡୋ ମାଝୀ ଓ ପାହାଡି କନ୍ଧମାନେ ମାନିବାକୁ ପ୍ରସ୍ତୁତ ନଥିଲେ । ଶେଷରେ ଇଂରେଜ ସରକାର ରେଣ୍ଡୋ ମାଝୀଙ୍କୁ ଧରିବା ପାଇଁ ଗିରଫ ପରୱାନା ଜାରିକଲେ । ଗୋରା ସରକାରର ଏଜେଂଟ୍ ଲେଫ୍ଟନାଂଟ ମ୍ୟାକ୍‌ନେଲ ମେରିଆ ବଳୀର ଏକ ମିଥ୍ୟା ଅଭିଯୋଗରେ କନ୍ଧ ସର୍ଦ୍ଦାର ରେଣ୍ଡୋ ମାଝୀଙ୍କୁ ୧୮୫୩ ମସିହାରେ ଗିରଫ କରି ରସୁଲକୁଣ୍ଡା(ଭଂଜନଗର) ଜେଲରେ ରଖିଥିଲେ । ଏପଟେ ନିଜ ସର୍ଦ୍ଦାରକୁ ଇଂରେଜ ବନ୍ଦୀ କରିବା ଫଳରେ ଆଦିବାସୀଙ୍କ ମଧ୍ୟରେ ପ୍ରତିଶୋଧର ନିଆଁ ଜଳିବାକୁ ଲାଗିଲା । ସେମାନେ ପ୍ରତିହିଂସା ପରାୟଣ ହୋଇ ମ୍ୟାକନେଲ୍‌ଙ୍କ କ୍ୟାଂପ ଉପରେ ଅତର୍କିତ ଆକ୍ରମଣ କଲେ । ସଂଘବଦ୍ଧ ଆଦିବାସୀଙ୍କ ମେଳି ଦେଖି ଗୋରା ସରକାର ଏଜେଣ୍ଟଙ୍କ ନିଦ ହଜିଗଲା । ସଂଗଠିତ ଆଦିବାସୀଙ୍କୁ ଭୟଭିତ କରିବା ପାଇଁ ୧୮୫୫ ମସିହାରେ ରସୁଲକୁଣ୍ଡା ଜେଲରୁ ରେଣ୍ଡୋ ମାଝୀଙ୍କୁ ଆଣି ତାଙ୍କ ଗୋଡରେ ବେଢି ଏବଂ ହାତରେ ହ୍ୟାଣ୍ଡକପ ପକାଇ ଉର୍ଲାଦାନୀର ବିଭିନ୍ନ ଅଂଚଳ ବୁଲାଇଲେ । ଗୋରା ସରକାର ବିରୋଧରେ ସ୍ୱର ଉତ୍ତୋଳନ କଲେ ଏମିତି ଦଶା ଭୋଗିବାକୁ ପଡିବ ବୋଲି ଚେତାବନୀ ଦେଲେ । ଶେଷରେ ସର୍ବ ସମ୍ମୁଖରେ ୧୮୫୫ ମସିହା ଡିସେମ୍ବର ୧୦ ତାରିଖ ଦିନ ଉର୍ଲାଦାନୀଠାରେ ରେଣ୍ଡୋ ମାଝୀଙ୍କୁ ଫାଶୀରେ ଖୁଂଟରେ ଝୁଲାଇ ଦେଲେ । ମା, ମାଟି ଓ ଅଧିକାର ପାଇଁ ସେ ଲଢେଇ କରି ସହୀଦ ହେଲେ ମାତ୍ର ସରକାର ତାଙ୍କୁ ଯଥୋଚିତ ମର୍ଯ୍ୟାଦା ପ୍ରଦାନ କରିନାହାଁନ୍ତି । ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମୀମାନଙ୍କ ତାଲିକାରେ ତାଙ୍କ ନାମ ସ୍ଥାନ ପାଇନାହିଁ । ଦେଶ ସ୍ୱାଧୀନତାର ରଜତ ଜୟନ୍ତୀ ଅବସରରେ ୧୯୭୨ ମସିହାରେ କଳାହାଣ୍ଡି ଗଡଜାତର ଶେଷ ନାଗବଂଶୀ ଶାସକ ତଥା ତତ୍କାଳୀନ ଲୋକସଭା ସଦସ୍ୟ ପ୍ରତାପ କେଶରୀ ଦେଓଙ୍କ ଉଦ୍ୟମରେ ବୀର ସହୀଦଙ୍କ ସ୍ମୃତିରେ ଉର୍ଲାଦାନୀଠାରେ ସହୀଦ ସ୍ମୃତି ସ୍ତମ୍ଭ ନିର୍ମାଣ ହୋଇଛି । ଏହାର ଅନେକ ବର୍ଷ ବର୍ତ୍ତମାନର ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଉଦ୍ୟମରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସହୀଦ ରେଣ୍ଡୋ ମାଝୀଙ୍କ ବ୍ରୋଂଜ ନିର୍ମିତ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି ଉର୍ଲାଦାନୀସ୍ଥିତ ସ୍ମୃତି ସ୍ତମ୍ଭ ପାଖରେ ପ୍ରତିଷ୍ଠା କରାଗଲା ୨୦୧୪ ମସିହା ଡିସେମ୍ବର ୧୦ ସହୀଦ ଦିବସ ପାଳନ ଅବସରରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ଏହି ପ୍ରତିମୂର୍ତ୍ତିକୁ ଉନ୍‌ମୋଚନ କରିଥିଲେ । ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବାଜଗତ ଉଦ୍ୟମରେ ଅଂଚଳବାସୀଙ୍କୁ ନେଇ ୧୯୯୨ ସମିହାରେ ଉର୍ଲାଦାନୀ ପଂଚାୟତ ଜୁରାଖମନ ଗାଁରେ ପ୍ରଥମେ ୧୦ ଡିସେମ୍ବରକୁ ସହୀଦ ଦିବସ ଭାବରେ ପାଳନ କରାଯାଇଥିଲା । ସେହି ଗାଁରେ ୪ ବର୍ଷ ଏବଂ ତାପରେ ଖଳିଆମୁଣ୍ଡାରେ ୨ ବର୍ଷ ସହୀଦ ଦିବସ ପାଳନ କରାଯାଇଥିଲା । ଏହାପରେ ୧୯୯୮ ମସିହାରେ ଉର୍ଲାଦାନୀ ଅଂଚଳବାସୀ ରେଣ୍ଡୋ ମାଝୀ ସ୍ମୃତି କମିଟି ଗଠନ କରି ପ୍ରତିବର୍ଷ ୧୦ ଡିସେମ୍ବରକୁ ସହୀଦ ଦିବସ ଭାବରେ ପାଳନ କରି ଆସୁଛନ୍ତି । ତାଙ୍କ ଜନ୍ମମାଟି, ସ୍ମୃତିସ୍ତମ୍ଭ, ବିଡାବାରୁ ଓ ଲୁବେନଗଡ ଗ୍ରାମରେ ବସବାସ କରୁଥିବା ବଂଶଧର ଓ ଜାତି ଭାଇମାନେ ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ ସାଧାରଣ ମୌଳିକ ସୁବିଧା ସୁଯୋଗରୁ ବଂଚିତ ଅଛନ୍ତି । ସେମାନେ ସବୁକ୍ଷେତ୍ରରେ ଆଜି ଅବହେଳିତ ତଥା ଦୟନୀୟ ଜୀବନ ଯାପନ କରୁଛନ୍ତି । ନିଜ ଜିଲ୍ଲାରେ ମଧ ସହୀଦଙ୍କୁ ଉଚିତ ସମ୍ମାନ ମିଳି ପାରିନାହିଁ । କେବଳ ଭବାନୀପାଟଣା ଜିଲ୍ଲା କାରାଗାର ପାଚେରୀ ନିକଟରେ ତାଙ୍କର ଏକ ଛୋଟ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । କଳାହାଣ୍ଡି ଉତ୍ସବର ମୁଖ୍ୟ ମଂଚକୁ ରେଣ୍ଡୋ ମାଝୀ ମଂଚ ନାମରେ ନାମିତ କରାଯାଇଛି । ଯାହାକି ବର୍ଷକୁ ଥରେ ସେ ମନେପଡନ୍ତି । ତାଙ୍କ ବଳିଦାନ ପାଇଁ ନେତା ମନ୍ତ୍ରୀ ଓ ପ୍ରଶାସନର ଦାୟିତ୍ୱ ଏତିକିରେ ସୀମିତ ରହିବା ତାଙ୍କ ପ୍ରତି ଘୋର ଅବିଚାର ନୁହେଁ କିଙ୍କେ ବୀର ସହୀଦ ରେଣ୍ଡୋ ମାଝୀଙ୍କୁ ସରକାର ସହୀଦ ମାନ୍ୟତା କେବେ ଦେବେ ବୋଲି ଅଂଚଳବାସୀଙ୍କ ମନରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ସଂପାଦକୀୟ

# ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ଜନସମଷ୍ଟି ସଂପର୍କରେ..

ବିଶାଳ ଜନସମଷ୍ଟି ଭିତରେ ଆଜି ଗ୍ରାମାଂଚଳରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ତଥାପି ଅନେକାଂଶରେ ବାଟବଣା ହେବାରେ ଲାଗିଛି । ଏ ସଂପର୍କରେ ଆଲୋଚନା କଲେ ଜଳ ଜଳ ଦିଶିଯାଏ ଅନେକ ଅହେତୁକ ଦୃଶ୍ୟ । ବିପୁଳ ଜନସମଷ୍ଟିର ଅଚେତନତା ହେତୁ ସମ୍ବିଧାନ ଘୋଷିତ ମୂଲ୍ୟବୋଧଗୁଡ଼ିକ ଅବିକୃତ ଭାବରେ କାର୍ଯ୍ୟକାରୀ କରିବାର ସମ୍ଭବ ହେଲାନାହିଁ । ଗଣତନ୍ତ୍ର, ଧର୍ମନିରପେକ୍ଷତା, ସାମାଜିକ ନ୍ୟାୟ ଇତ୍ୟାଦି କ୍ଷେତ୍ରରେ ଜନ ଅସ୍ତିତ୍ୱର ଅବସ୍ଥା ଯେଉଁ ତିମିରେକୁ ସେଇ ତିମିରେ ରହିଗଲା । ଆଜି ଯେତେବେଳେ ସ୍ୱାଧୀନତା ପ୍ରାପ୍ତିର ଏତେ ବର୍ଷ ପରେ ମଧ୍ୟ ଏହି ମୂଲ୍ୟବୋଧଗୁଡ଼ିକର କାର୍ଯ୍ୟକାରିତା ସଂପର୍କରେ ଆକଳନ କରାଯାଉଛି, ତାର ବିଫଳତା ପାଇଁ ବୁଝିବା ସୁଝିବା ଲୋକେ ସର୍ବାଗ୍ରେ ଜନମାନସର ଅଚେତନତାକୁ ହିଁ ଦାୟୀ କରୁଛନ୍ତି । ଜନଚେତନାର ଅଭାବରୁ ହିଁ ଏତେ ଏତେ ପ୍ରଚେଷ୍ଟା ସତ୍ତ୍ୱେ ସବୁକିଛି ବିଫଳ ହେଉଥିବାର ଅନୁଭବ ହେଉଛି । ଏହି ଜନଚେତନା ସୃଷ୍ଟି ପାଇଁ ମୌଳିକ ଭାବରେ ବୈଶିଷ୍ଟ୍ୟ ସମ୍ମତ ଶିକ୍ଷା ବ୍ୟବସ୍ଥାର ହିଁ ଆବଶ୍ୟକତା ଥିଲା । ସରକାର ତାଙ୍କ ତରଫରୁ ସମ୍ବିଧାନ ଘୋଷିତ ମୂଲ୍ୟବୋଧଗୁଡ଼ିକର ଉପଲବ୍ଧି ପାଇଁ ଯେତେ ପ୍ରକାର ଯୋଜନା କରି ଉଦ୍ୟମ କଲେ ମଧ୍ୟ ଜନମାନସ ତହିଁରେ ସଂଯୁକ୍ତ ରହି ପାରିଲା ନାହିଁ । ସରକାରୀ ଯୋଜନା ରୂପାୟନ ଏକପାଖିଆ ଭାବରେ ବିଭିନ୍ନ କାର୍ଯ୍ୟକ୍ରମର ଭିତର ଦେଇ ଅଶିକ୍ଷିତ, ଅଚେତନ ଜନସାଧାରଣଙ୍କ ଉପରେ ଜୋର୍ କରି ଲଦି ଦିଆଗଲା । ରାଷ୍ଟ୍ରଯନ୍ତ୍ରର ବୋଲକରା ଅମଲାତନ୍ତ୍ରକୁ କାମରେ ଲଗାଇ ରାଜନୈତିକ ନେତୃତ୍ୱ ଏଇ ଅବାଞ୍ଛିତ କର୍ମଟି କରି ଚାଲିଲା । ଉପସ୍ଥିତ ଆହ୍ୱାନଗୁଡ଼ିକୁ ସଫଳତାର ସହିତ ଗ୍ରହଣ କରିବା ପାଇଁ ଜନମାନସକୁ ପ୍ରଶିକ୍ଷିତ କରିବା ପରିବର୍ତ୍ତେ ତାଙ୍କ ଉପରେ ଜୋର୍ କରି ଅମଲାତନ୍ତ୍ର ଏ ଯେଉଁ ଯୋଜନା ରୂପାୟନର ବୋଝ ଲଦି ଦେଲା ତହିଁରେ ଜନ ଅସ୍ତିତ୍ୱ ବାଧ୍ୟତଃ ଭାରସାମ୍ୟ ହରାଇଲା । ନିଦାନ ବେଳକୁ ଲୋକେ ଜୀବନ ପାଇଁ ଦରକାରୀ ଶିକ୍ଷା ଏବଂ ପ୍ରଶିକ୍ଷଣ ପାଇବା ପରିବର୍ତ୍ତେ ଅମଲାତନ୍ତ୍ର ପ୍ରଯୋଜିତ ସରାକାରୀ କାର୍ଯ୍ୟକ୍ରମଗୁଡ଼ିକୁ କିଛି ନ ବୁଝିଲେ ମଧ୍ୟ ବାଧ୍ୟତଃ ବୋହି ଚାଲିଲେ । ପରିଣାମରେ ଅଶିକ୍ଷିତ ଭାରସାମ୍ୟହୀନ, ସହାୟ ସମ୍ବଳହୀନ ଜନସମଷ୍ଟି କେବଳ ସରକାରୀ କାର୍ଯ୍ୟକ୍ରମର ରୂପାୟନ ପାଇଁ କୌଶଳ କ୍ରମେ ବ୍ୟବହୃତ ହୋଇ ଚାଲିଲେ । ସମ୍ବିଧାନର ମୌଳିକ ଆଦର୍ଶଗୁଡ଼ିକୁ ସେମାନେ ଉପଲବ୍ଧି କରି ପାରିବା ତ' ଦୂରର କଥା, ବରଂ ସେଗୁଡ଼ିକ ସେମାନଙ୍କ ବୋଧଭୂମିରୁ ନିର୍ବାସିତ ହୋଇ ରହିଲା ।

# ମାନସିକ ବିକୃତା ହେଲେ ବି ରହିଛି ମାନବିକତା : କୁକୁରକୁ ଖାଇବା ପାଇଁ ଦେଉଛି ଖାଦ୍ୟ



ସଇଁନ୍ତଲା, (ନିପ୍ର) : ମାନବ ସେବା ହିଁ ମାଧବ ସେବା । ବାସ୍ତବରେ ଲୋକ ସେବା ସହଯୋଗ କଲେ ଅନେକ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଥାଏ । ହେଲେ ଏହି ମଣିଷ ସମାଜରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାସ୍ତା କଡରେ ଜୀବନ କାଟୁଥିବା, ମାନସିକ ବିକୃତ ଲୋକଙ୍କୁ ଉଦ୍ଧାର କରି ନୂଆଁ ଜୀବନ ଦେଇ ଥାଆନ୍ତି । ହେଲେ ବଲାଙ୍ଗିର ଜିଲ୍ଲାରେ ରାସ୍ତା କଡରେ ଅନେକ ମାନସିକ ବିକୃତ ମହିଳା ଓ ପୁରୁଷମାନେ ବୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳେ । କିନ୍ତୁ ସେହିଭଳି ଲୋକଙ୍କ ପାଇଁ ସେବା ଯୋଗାଇବା ବାସ୍ତବରେ କାଠିକର ହୋଇ ପଡିଥାଏ । ହେଲେ ସେମାନେ ଭୋକ ଉପାସରେ ଆଶ୍ରୟ ନେଇଥିଲେ ମଧ ଆହା ବୋଲିବା ପାଇଁ କେହିଁ ନଥିବା ବେଳେ ଖାଇବା ପାଇଁ କେହି ବି ଦିଅନ୍ତି ନାହିଁ । ନିଜେ ପଛେ ଭୋକ ଉପାସରେ ଆଶ୍ରୟ ନେଉଥିବା ବେଳେ କୁକୁରକୁ ଖାଇବା ପାଇଁ ଖାଦ୍ୟ ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ନବୀନ ଛକ ରାସ୍ତାରୁ ବ୍ଲକ ଛକ ରାସ୍ତାକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତା ଦେଇ ହଜାର ହଜାର ଲୋକ ଯାତାୟାତ କରୁଥିବା ବେଳେ ଜଣେ ମାନସିକ ଭାରସାମ୍ୟ ହରାଇ ଥିବା ବିକୃତା ମହିଳା ଜଣଙ୍କ ନିଜ ପେଟ ପାଇଁ ଖାଇବା ପାଇଁ କିଛି ଖାଦ୍ୟ ଆଣୁଥିବା ବେଳେ ସେହି ସ୍ଥାନରେ ଏକ କୁକୁର ରହିଥିଲା କିନ୍ତୁ ନିଜେ ନ ଖାଇ କୁକୁରକୁ ଖାଇବା ପାଇଁ ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ମାନସିକ ଭାରସାମ୍ୟ ହରାଇଥିବା ମହିଳା ଜଣକ ସ୍ଥାନୀୟ ଡାକ୍ତରଖାନାରେ ଆଶ୍ରୟ ନେଇଥିବା ବେଳେ ଯିଏ ଖାଇବା ପାଇଁ ଦିଏ ଖାଇ ଦିଏ ନ ହେଲେ ଭୋକ ଉପାସରେ ଦିନ କାଟୁ ଥାଏ । ତେବେ ଏବେବି ମଣିଷ ପଣିଆ ଜଣେ ମାନସିକ ଭାରସାମ୍ୟ ହରାଇଥିବା ମହିଳା ଭିତରେ ରହିଥିବା ଦେଖିବାକୁ ମିଳିଛି ।

# ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟିଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ : ନନ୍ଦ ସାର୍‌ଙ୍କ ବିୟୋଗ ସମଗ୍ର ଦେଶର ଶିକ୍ଷା ସମାଜ ପାଇଁ ଅପୂରଣୀୟ କ୍ଷତି – ଧର୍ମେନ୍ଦ୍ର ପ୍ରଧାନ




ଭୁବନେଶ୍ୱର, (ପିଆଇବି) : ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି ତଥା ନନ୍ଦ ସାର୍‌ଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଶୋକବାର୍ତାରେ କହିଛନ୍ତି, ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି ତଥା ନନ୍ଦ ସାର୍‌ଙ୍କ ବିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ ।

ବିନା ପାରିଶ୍ରମିକରେ ତିନି ପିଢ଼ି ଧରି ନୀରବଛିନ୍ନ ଭାବେ ଛୋଟ ଛୋଟ ପିଲାଙ୍କୁ ଶିକ୍ଷାଦାନ କରି ଆସୁଥିବା ନନ୍ଦ ସାର୍‌ଙ୍କ ବିୟୋଗ କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ଭାରତର ଶିକ୍ଷା ସମାଜ ପାଇଁ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

# ଜିଲ୍ଲାପାଳଙ୍କ ଗଞ୍ଜାମ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ

ଗଞ୍ଜାମ, (ନିପ୍ର) : ସାମୁଦ୍ରିକ ଝଡ ଜୱାଦ ପ୍ରଭାବରେ ଦୁଇଦିନ ହେଲା ଲଗାଣ ବର୍ଷା ସାଙ୍ଗକୁ ପବନର ପ୍ରଭାବରେ ଅଧିକାଂଶ ଶସ୍ୟକ୍ଷେତ୍ର ପ୍ରଭାବିତ ହୋଇଥିବା ବେଳେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳମାନଙ୍କରେ କଚା ଘରେ ରହୁଥିବା ଲୋକମାନଙ୍କୁ ସ୍ଥାନୀୟ ପ୍ରଶାସନ ପଞ୍ଚାୟତ ପ୍ରତିନିଧିଙ୍କ ସହାୟତାରେ ଆଶ୍ରୟ ଦିଆଯାଇଛି । ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ଗଞ୍ଜାମ ବ୍ଲକ ଅଧିନସ୍ଥ ସମୁଦ୍ର ଓ ଚିଲିକା ଉପକୂଳବର୍ତ୍ତୀ ଇଲାକାରେ ରହିଥିବା ବାତ୍ୟା ଆଶ୍ରୟସ୍ଥଳମାନଙ୍କୁ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହା ସହ ବିଭିନ୍ନ ଶସ୍ୟ କ୍ଷେତ୍ରମାନଙ୍କରେ ନଷ୍ଟ ହୋଇପଡିଥିବା ଉଜୁଡା ଧାନ ଓ ପନିପରିବା ଫସଲ ଦେଖି ଚାଷୀମାନଙ୍କ ସହ ଆଲୋଚନା କରିବା ସହ ଗଞ୍ଜାମ ବ୍ଲକର ଆର୍‌ଆଇ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ କ୍ଷୟକ୍ଷତି ଆକଳଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଡିଆଁଡେଇଁ, ଜେଆରଜିପୁର ବାତ୍ୟା ଆଶ୍ରୟସ୍ଥଳରେ ଚାଷୀମାନଙ୍କ ସହ ଆଲୋଚନା କରିବା ସହ ଆସ୍ୱାସନ ଦେଇଥିବା ଜଣାପଡ଼ିଛି । ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ, ତହସିଲଦାର ଅରୁଣ କୁମାର ନାୟକଙ୍କ ସହ ଅନ୍ୟ ନେତୃ ମଣ୍ଡଳୀ ଉପସ୍ଥିତ ଉପସ୍ଥିତ ଥିଲେ ।

# ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ



ଗଞ୍ଜାମ, (ନିପ୍ର) : ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ଅବସରରେ ଗଞ୍ଜାମ ବ୍ଲକ ପୋଇରାଶି ପଞ୍ଚାୟତର ତାରିଣୀ ପଲ୍ଲୀ ଗ୍ରାମରେ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଯୁବ ସଂଗଠନ ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ୱାଇ ଫର୍ ଭି ପାଠାଗାରଠାରେ ୟୁଥ୍ ଫର୍ ଭିଲେଜ୍ ସଭାପତି ଚୈତନ୍ୟ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗଞ୍ଜାମ ପ୍ରେସ କ୍ଲବ୍ ଉପଦେଷ୍ଟା ଉମାକାନ୍ତ ବେହେରା, ମୁଖ୍ୟବକ୍ତା ୟୁଥ୍ ଫର୍ ଭିଲେଜ୍ ପ୍ରତିଷ୍ଠାତା ଡି ଦେବହରି ରେଡ୍ଡୀ, ସମ୍ମାନିତ ଅତିଥି ଶିକ୍ଷାବିତ୍ ରବୀନ୍ଦ୍ର କୁମାର ଗୌଡ, ସମ୍ପାଦକ ଦୀପକ ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ମୁଖ୍ୟଅତିଥି ଶ୍ରୀ ବେହେରା ସମାଜ ଗଠନ ଦିଗରେ ସ୍ୱେଚ୍ଛାସେବୀମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ଭୂମିକାକୁ ବର୍ଣ୍ଣନା କରିବା ସାଙ୍ଗକୁ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିଲେ । ଶିକ୍ଷାବିତ୍ ଶ୍ରୀ ଗୌଡ ସ୍ୱେଚ୍ଛାସେବୀ ମନୋବୃତ୍ତି କିଭଳି ସମାଜର ଦିଗ ପରିବର୍ତ୍ତନରେ ସୂତ୍ରଧର ହୁଏ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଦେବହରି ରେଡ୍ଡୀ ନିଜ ବକ୍ତବ୍ୟରେ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ପ୍ରକାର ଗପ ସହ ବହୁ ପ୍ରାସଙ୍ଗିକ ଉଦାହରଣ ଦେଇ ଉତ୍ସାହିତ କରିଥିଲେ । ସମ୍ପାଦକ ଶ୍ରୀ ସାହୁ ସ୍ୱେଚ୍ଛାସେବୀ ମନୋବୃତ୍ତି ସମ୍ପନ୍ନ ପ୍ରତିଭାକୁ ଖୋଜି ବାହାର କରି ତାଙ୍କୁ ଉତ୍ସାହିତ କରିବା ଦିଗରେ ଅନୁଷ୍ଠାନ ପକ୍ଷରୁ ନିଆଯାଇଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ଉଦ୍ୟୋଗୀ ନିରାକାର ମହାରଣା, ଅନିଲ ସେଠୀ, ଗଗନ ସାହୁ, କୈଳାସ ସେଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀ କାର୍ଯ୍ୟ ପାଇଁ କୈଳାସ ଚନ୍ଦ୍ର ସେଠୀଙ୍କୁ 'ଦରଦୀ ବନ୍ଧୁ ସମ୍ମାନ -୨୦୨୧' ସମ୍ମାନରେ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । କାହ୍ନା ଗୌଡଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନିଲ ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ବି ଦେବାଶିଷ ରେଡ୍ଡୀ, ମିଟୁ ମହାପାତ୍ର, ସୁନିଲ ସେଠୀ, ଦୀପକ ଗୌଡ, ଟୁନା ବେହେରା, ନିଲୁ ମହାପାତ୍ର, ଯୁ ସୁଶାନ୍ତ ରେଡ଼ି, ସୁରେନ୍ଦ୍ର ଗୌଡ, ସତ୍ୟ ରେଡ଼ି, ଯୁଗଳ ରେଡ଼ି, ଜଗନ୍ନାଥ ସେଠୀ, ଆର୍ ଗଣେଶ ରେଡ଼ି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଓଡ଼ିଶା ଗୃହରକ୍ଷୀ ବାହିନୀର ୫୯ତମ ପ୍ରତିଷ୍ଠା ଦିବସ ପାଳିତ



ବ୍ରହ୍ମପୁର, (ନିପ୍ର) : ଗଞ୍ଜାମ ପୋଲିସ ଜିଲ୍ଲା ମୁଖ୍ୟାଳୟ ଛତ୍ରପୁର ରିଜର୍ଭ ପୋଲିସ ପଡିଆଠାରେ ଗୃହରକ୍ଷୀ ବାହିନୀର ୫୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ଗଞ୍ଜାମ ଏସପି ବ୍ରିଜେଶ କୁମାର ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠିତ ପ୍ୟାରେଡ୍‌ରେ ଅଭିଭାବଦନ ଗ୍ରହଣ କରିଥିଲେ । ନିଷ୍ଠାପର ସେବା ଦ୍ୱାରା ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇ ସର୍ବଦା ପ୍ରଂଶସାର ପାତ୍ର ହେବାକୁ ଗୃହରକ୍ଷୀମାନଙ୍କୁ ଏସ୍‌ପି ଆହ୍ୱାନ ଦେଇଥିଲେ । ଗୃହରକ୍ଷୀମାନେ ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ବାତ୍ୟା, ମରୁଡି ଠାରୁ ଆରମ୍ଭ କରି ଆଇନ୍ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଭଳି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ କର୍ତ୍ତବ୍ୟ ସମ୍ପାଦନା କରିଆସୁଛନ୍ତି । ଏପରିକି କରୋନା ମହାମାରୀ ସମୟରେ ଗୃହରକ୍ଷୀମାନେ ନିଜ ଜୀବନକୁ ବାଜିଲଗାଇ, ନିଜ ଶରୀରର ପାଣି ଛଡାଇ ଜନସାଧାରଣଙ୍କର ସେବା କରିଆସିଛନ୍ତି । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଛତ୍ରପୁର ପୁଲିସ ସବ୍‌ଡିଭିଜନର ୧୨ ଜଣ, ଭଞ୍ଜନଗର ପୁଲିସ ସବଡିଭିଜନର ୧୧ଜଣ, ପୁରୁଷୋତ୍ତମପୁର ପୁଲିସ ସବ୍‌ଡିଭିଜନର ୮ଜଣ ଓ ଆସିକା ପୁଲିସ ଡିଭିଜନର ୧୪ଜଣ ଗୃହରକ୍ଷୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଛି । ସମଗ୍ର ଗଞ୍ଜାମ ପୋଲିସ ଜିଲ୍ଲାର ସର୍ବମୋଟ ନିୟୋଜିତ ୫୮୦ ଜଣ ହୋମଗାର୍ଡ ଉପସ୍ଥିତ ହୋଇ ସକ୍ରୀୟ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଠାକୁର ପ୍ରସାଦ ପାତ୍ର, ବିଜୟ କୁମାର ମଲ୍ଲିକ, ପି. କେ. ଦଳାଇ ଓ ରମେଶ ଚନ୍ଦ୍ର ସେଠୀ, ଡିଏସପି ସୀମା ସ୍ୱାଇଁ, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ଡିଏସ୍‌ପି ଏସ. ପ୍ରଧାନ, ଡିଆଇବି ଡିଏସ୍‌ପି ଅଜୟ କୁମାର ମିଶ୍ର ଓ ମମତା ନାୟକ, ଆସିଷ୍ଟାଂଟ କମାଣ୍ଡାଣ୍ଟ ମାନସ ରଞ୍ଜନ ମହାନ୍ତି, ସର୍ଜେଣ୍ଟ ସଞ୍ଜୟ କୁମାର ବାରିକ, ଛତ୍ରପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ, ବରିଷ୍ଠ କିରାଣୀ ଏ. ରାବଣା ରାଓ, ଗଞ୍ଜାମ ପୁଲିସ ଜିଲ୍ଲା ହାବିଲଦାର ଓ କନଷ୍ଟେବଲ ସଂଘର ସଭାପତି ଅଭିମନ୍ୟୁ ଜାଲି, ସମ୍ପାଦକ ସୁବାସ ସେଠୀଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ ଗୃହରକ୍ଷୀ ବାହିନୀମାନେ ଉପସ୍ଥିତ ଥିଲେ । ଏସ୍. ପର୍ଶୁରାମ ରେଡ୍ଡୀ ପ୍ୟାରେଡ ଚାଳନା କରିଥିଲେ ।

# ଏକତା ବଳରେ ସବୁ କିଛି ସମ୍ଭବ : ନିଜ ରାସ୍ତା ନିଜେ ନିର୍ମାଣ କଲେ ଅଞ୍ଚଳବାସୀ, ଅଞ୍ଚଳବାସୀଙ୍କ ପ୍ରଶଂସନୀୟ ଶ୍ରମଦାନ



ପାଟଣାଗଡ, (ନିପ୍ର) : ପାଟଣାଗଡ଼ ବ୍ଲକ ସାଲେପାଲି ପଞ୍ଚାୟତ ଅବହେଳିତ ନିଲିଜିବାହିଲରୁ ବୁଦାମୁଣ୍ଡା ରାସ୍ତାକୁ ନିଲିଜିବାହାଲ, ତୁର୍ଲାମାଲ, ଖଲିଆ ଆଦି ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ମିଳିତ ସହଯୋଗ ଓ ଶ୍ରମଦାନ କରି ଗାଁକୁ ସଂଯୋଗ କରୁଥିବା ନିଲିଜିବାହାଲ – ବୁଦାମୁଣ୍ଡା ୧ କି.ମି. ରାସ୍ତାର ମରାମତି କରିଛନ୍ତି ।

ଏହି ଶ୍ରମଦାନରେ ଗ୍ରାମର ବାଳକ ଠୁ ବୃଦ୍ଧବୃଦ୍ଧା, ମହିଳା ପୁରୁଷ ସମସ୍ତେ ସାମିଲ ହୋଇ ଅବହେଳିତ ତଥା ଖାଲଖମା ପୂର୍ଣ୍ଣ ଏହି ରାସ୍ତାରେ ଏମୁଣ୍ଡରୁ ସେ ମୁଣ୍ଡ ଯାଏ ମାଟି ପକାଇ ସମତୁଲ କରିଦେଇ ଥିଲେ । ରାସ୍ତାଟି ଏବେ ଅନ୍ତତଃ ଯିବା ଆସିବା କରିବାରେ ଆଉ ବାଧକର ହେବନାହିଁ । ଶ୍ରମଦାନ କରିଥିବା ସମସ୍ତଙ୍କ ପାଇଁ ଅଞ୍ଚଳର କେତେ ଜଣ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସହାୟତାରେ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଅଞ୍ଚଳବାସୀଙ୍କ ଏହି ଶ୍ରମଦାନ ଫଳରେ ନିଲିଜିବାହାଲ, ତୁର୍ଲାମାଲ, ଚକାମାଲ, କର୍ଲାମାଲ, ସାଲେପାଲି, ଖଲିଆ ଆଦି ଅଞ୍ଚଳର ଦୈନନ୍ଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ଭୋଗୁଥିବା କଷ୍ଟ ଦୂର ହୋଇପାରିଛି । ଏହା ସାଙ୍ଗକୁ ଜରୁରୀ ସେବା ସମୟରେ ଟେମ୍ପୁ ଚାରିଚକିଆ ଯାନବାଲାକୁ ଡାକିଲେ ରାସ୍ତାର ଦୁରାବସ୍ଥା ଯୋଗୁଁ ଅମଙ୍ଗ ହେଉଥିବା ସମସ୍ୟା ମଧ ଦୂରୀଭୂତ ହୋଇପାରିଛି । ବର୍ଷା ଦିନେ ଖାଲଖମା ପୂର୍ଣ୍ଣ ଯୋଗୁଁ ଛାତ୍ରଛାତ୍ରୀମାନଙ୍କୁ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ଏଥିର ଛାତ୍ରଛାତ୍ରୀମାନେ ନିରାପଦରେ ଯାତାୟାତ କରିପାରିବେ । ଗୋଟିଏ ଦିନର ଶ୍ରମଦାନରେ ଦୈନନ୍ଦିନ ପଥକୁ ବିପଦମୁକ୍ତ କରି ପାରିଥିବା ଆନନ୍ଦରେ ଅଞ୍ଚଳବାସୀ ଶ୍ରମଦାନ କରି ଉପକୃତ ହୋଇଛନ୍ତି । ରାସ୍ତାର ମରାମତି କରାଯିବା ପାଇଁ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଠୁଁ ଆରମ୍ଭ କରି ବିଧାୟକ, ସାଂସଦଙ୍କ ଠାରେ ବାରମ୍ବାର ହାରିଗୁହାରି କରିବା ସତ୍ୱେ ମରାମତି କରାନଯିବାରୁ ଅଞ୍ଚଳର ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ଟ୍ରାକ୍ଟର, ଜେସିବି ଦେଇ ଥିବା ବେଳେ ଉର୍ସଗି କୃତ ସେବା ମନୋବଳ ରଖି ଆର୍ଥିକ ସହାୟତା କରାଇଥିଲେ । ଜଣାଶୁଣା ସମାଜସେବୀ, ଚାଷୀ ନେତା ଜତି ପ୍ରଧାନ, ସମାଜ ସେବୀ ଗିରିଧାରୀ ଭୋଇ, ମନୋଜ ଲୁହା, ହେମସାଗର ଭୋଇ, ବସନ୍ତ ଗରୁଡ, ପୂର୍ବତନ ସରପଞ୍ଚ ଧ୍ରୁବଲେଶ୍ୱର ଭୋଇ, କାର୍ତ୍ତିକ ବିଶ୍ୱାଳ, କୌସ୍ତୁଭ ସାହୁ, ସୁରଥ ଦିପ, ଲୋକନାଥ ବୁଡେକ, ଦ୍ୱାରୁ ବରିହାଙ୍କ ଉଦ୍ୟମରେ ଗତ ୨୯/୧୧/୨୦୨୧ଦିନ ଅଞ୍ଚଳର ଅଧିବାସୀମାନଙ୍କୁ ନେଇ ଏକ ଗ୍ରାମସଭା ବସି ଶ୍ରମଦାନ ନିଷ୍ପତ୍ତିକୁ ନିଆଯାଇଥିବା ବେଳେ ଆଜି କାର୍ଯ୍ୟକାରୀ କରାଯାଇଥିଲା । ସମଗ୍ର ଅଞ୍ଚଳରେ ଏହି କାର୍ଯ୍ୟକୁ ନେଇ ଏକତା ବଳରେ ଗ୍ରାମ ତଥା ଅଞ୍ଚଳର ଉନ୍ନତି କିପରି କରାଯାଇ ପାରେ ତାହାର ଏହା ଏକ ଉଦାହରଣ ବୋଲି ଉଚ୍ଚ ପ୍ରଶଂସା ହେଉଛି ।

# ଯକ୍ଷ୍ମାରୋଗ ନିରାକରଣ ଅଭିଯାନ ପାଇଁ ଗଡିଲା ସଚେତନତା ରଥ



କର୍ଲାମୁଣ୍ଡା, (ନିପ୍ର) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଯକ୍ଷ୍ମାରୋଗ ନିରାକରଣ ଅଭିଯାନ ପାଇଁ ଶୁକ୍ରବାର ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି ।

ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ସୌମ୍ୟ ରଞ୍ଜନ ପାତ୍ର, ଭାରପ୍ରାପ୍ତ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ଦାସ, ବ୍ଲକ ଏକାଉଣ୍ଟ ମେନେଜର ପ୍ରତାପ ସାହୁ, ବ୍ଲକ ଡାଟା ମେନେଜର ନୀତିଶ କୁମାର ଦତ୍ତ, ଡାକ୍ତର ପରିମିତା ପ୍ରମୁଖ ଯୋଗ ଦେଇ ସବୁଜ ପତାକା ଦେଖାଇ ସଚେତନ ରଥକୁ ଉଦ୍‌ଘାଟନ କରିଥିଲେ । ସଚେତନ ରଥଟି ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ବ୍ଲକର ସମସ୍ତ ଗାଁକୁ ଯିବାର କାର୍ଯ୍ୟକ୍ରମ ଥିବା ବେଳେ ଆଶା କର୍ମୀମାନଙ୍କ ଦ୍ୱାରା ଘର ଘର ବୁଲି ଯକ୍ଷ୍ମାରୋଗୀ ଚିହ୍ନଟ କରାଯାଉଛି ବୋଲି ଭାରପ୍ରାପ୍ତ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଦାସ କହିଛନ୍ତି ।

# ମିଳୁନି ପାଣି : ପାଣି ଯୋଗାଇ ଦେବାକୁ ଏସ୍ଏଚ୍‌ଜି ସଂଗଠନର ଦାବୀ



ତୁରେକେଲା, (ନିପ୍ର) : ବଡବାଙ୍କି ଗ୍ରା.ପ. ଅନ୍ତର୍ଗତ ମୁରିବାହାଲ ଗାଁରେ ସପ୍ଲାଇ ପାଣି ସମ୍ପୂର୍ଣ୍ଣ ଭାବେ ପାଇପାରୁ ନ ଥିବାରୁ ମା'ଦୁର୍ଗା ଏସ୍ଏଚ୍‌ଜି ଗ୍ରୁପର ସଭାନେତ୍ରୀ ତୁଳେଶ୍ୱରୀ ହଂସ, ସମ୍ପାଦିକା ତେଜ ପୁଞ୍ଜି ଓ ସଦସ୍ୟାମାନେ, ମା' ପରଦେଶେନ ଏସ୍ଏଚ୍‌ଜିର ସଭାନେତ୍ରୀ ରୁକ୍ମଣି ପୁଞ୍ଜି, ସମ୍ପାଦିକା ମଞ୍ଜୁଳା ଶବର ଓ ସଦସ୍ୟା ବୃନ୍ଦ ଏବଂ ମା' ମହାଲକ୍ଷ୍ମୀ ଏସ୍ଏଚ୍‌ଜିର ସଭାନେତ୍ରୀ କୈକେୟୀ ଶବର, ସମ୍ପାଦିକା ଭ୍ରମରୀ ମାଝି ଓ ସଦସ୍ୟା ବୃନ୍ଦ ଦାବୀ କରିଛନ୍ତି ଯେ, ଆମ ଗାଁରୁ ଏକ କିଲୋମିଟର ଦୂରତାରେ ପାଣି ପମ୍ପ୍ ରହିଥିବାରୁ ସପ୍ଲାଇ ପାଣି ସମ୍ପୂର୍ଣ୍ଣ ଭାବରେ ଗାଁ ଲୋକେ ପାଇପାରୁ ନାହୁଁ । ତେଣୁ କରି ବହୁଧା ଜଳ ଭଣ୍ଡାର ଓଭର ଟାଙ୍କିର ସୁବିଧା କରାଗଲେ ସୂଚାରୁରୂପେ ପାଣି ସଙ୍କଟରୁ ରକ୍ଷା ପାଇ ପାରିବୁ ବୋଲି କହିଛନ୍ତି । ଏପଟେ ପାଣି ଚାଳକ ଦିବ୍ୟାଙ୍ଗ ପାଦରି ବରିହା ବାମ ହାତ ଅକର୍ମଣ୍ୟ ଓ ବଧିର ଅଟେ ।

ଏହି ଦିବ୍ୟାଙ୍ଗ ପାଣି ଚାଳକ ପ୍ରାୟ ପାଞ୍ଚ ବର୍ଷ ହେବ ପାଉଣା ପାଇପାରୁ ନାହିଁ । ଏହି ଦିବ୍ୟାଙ୍ଗଙ୍କ ଦରମା ଲାଗୁ କରିବା ପାଇଁ ସରପଞ୍ଚ କୁଶ ମାଝି ପାଞ୍ଚ ଶହ ଟଙ୍କା ଓ କାଗଜ ପତ୍ର ନେଇଥିବା ଅଭିଯୋଗ ହୋଇଛି । ଏଭଳି ନିରୀହ ଦିବ୍ୟାଙ୍ଗର ଗୁହାରି ଓ ଏସ୍ଏଚ୍‌ଜି ମହିଳା ମାନଙ୍କ ଦାବୀ କରିଥିବା ପାଣିର ସମସ୍ୟାରୁ ବଞ୍ଚିତ କରାଯିବା ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉ ବୋଲି ଗାଁର ଭଦ୍ର ବ୍ୟକ୍ତିମାନେ ଦାବୀ କରିଛନ୍ତି ।

# ଅଦିନିଆ ବର୍ଷାରେ କପା ଓ ଧାନ ଚାଷୀ ଛାନିଆ : ଦଲାଲ ହାତରେ ଧଳାହୀରା



ସଇଁନ୍ତଳା, (ନିପ୍ର) : ମାସକ ତଳେ ଲଗାଣ ବର୍ଷା ପ୍ରଭାବରେ ଚାଷଜମି ଜଳାର୍ଣ୍ଣବ ହୋଇଥିବା ସହ ଅଦିନିଆ ବର୍ଷାରେ ଧାନ ଫସଲରେ ଗଜା ମଧ ଦେଖାଦେଇ ଥିଲା । କିନ୍ତୁ ବର୍ତ୍ତମାନ କପା ଚାଷୀଙ୍କୁ ଘାରିଛି ବାତ୍ୟା । ଧାର କରଜ ଆଣି ଚାଷୀ ନିଜ ବିଲରେ କପା ଚାଷ କରିଥିବା ବେଳେ ଦଲାଲ ହାତରେ କମ୍ ଦାମରେ ଟେକି ଦେଉଛନ୍ତି ଧଳାହୀରା ଫସଲକୁ । ତେବେ ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ବ୍ଲକରେ କପା ମଣ୍ଡି ନଥିବା ବେଳେ ବାଧ ହୋଇ କପା ଚାଷୀ ଦଲାଲ ହାତରେ ପଡି କପା ବିକ୍ରି କରୁଛନ୍ତି । ତେବେ ଟିଟିଲାଗଡ଼, ବଲାଙ୍ଗିର ଓ କଣ୍ଟାବାଞ୍ଜିରେ କପା ମଣ୍ଡି ଥିବା ବେଳେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପାଇଁ ପଡୁଥିବା ବେଳେ ନିରାଶ ହୋଇ ଘରକୁ ମଧ ଫେରୁଛନ୍ତି ।

ଅନ୍ୟପଟେ ଏଯାଏଁ ଧାନ ବିଲରୁ ପାଣି ଛିଣ୍ଡିନି । ଜମିରେ ପାଣି ରହିଥିବାରୁ ଧାନ କଟା ବାଧାପ୍ରାପ୍ତ ହୋଇଥିଲା । ଏବେ ପୁଣି ଆଉ ଗୋଟିଏ ବର୍ଷା ଚାଷୀକୁଳକୁ ହତାଶ କରିଛି । ଅଞ୍ଚଳରେ ୯୦ପ୍ରତିଶତ ଧାନପାଚି ଗଲାଣି । ତରବରିଆ ଭାବେ ଧାନ ବିଲରେ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ଚାଷୀ ବ୍ୟଗ୍ର । ଗତ ଅଦିନିଆ ଲଘୁଚାପ ବର୍ଷା ଯୋଗୁଁ ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ବ୍ଲକର ବିଭିନ୍ନ ଗ୍ରାମରେ ଧାନ ଫସଲ ବିଲରେ ପାଣି ଜମି ଅଧା ପାଚିଲା ଧାନ ନଷ୍ଟ ହୋଇଥିବା ହେତୁ ଚାଷୀ ହତାଶ ହୋଇଛି । ଏବେ ପୁଣି ବର୍ଷା ଓ ବାତ୍ୟା ଶୁଣି ଆହୁରି ଛାନିଆ ଚାଷୀକୂଳ । ଏହି ଅଞ୍ଚଳର ଶହ ଶହ ହେକ୍ଟର ଜମି ଜଳମଗ୍ନ ହୋଇ ନଷ୍ଟ ହେବା ଆଶଙ୍କା ରହିଛି । ବର୍ତ୍ତମାନ ସୁଧା ଧାନ ଗଛଗୁଡିକ ପାଣିରେ ପଡିରହିଛି । କିଛି ସ୍ଥାନରେ ପାଗ ସଫା ଦେଖି ଧାନ କଟା ହୋଇଛି । କଟା ପାଚିଲା ଧାନ ବିଲରେ ହିଁ ପଡିରହିଛି । କିଛି ଦିନ ପରେ ଧାନ ଅମଳ ହୋଇଥାନ୍ତା । ଅଦିନିଆ ବର୍ଷା ଚାଷୀକୁ ଉପାୟ ଶୂନ୍ୟ ଓ ହତାଶ କରିଦେଇଛି । ବର୍ତ୍ତମାନ ସମୟରେ ବିଲ ମଧ୍ୟରେ ଆଣ୍ଠୁଏ ପାଣି ଜମି ରହିଛି । ମୁଣ୍ଡରେ ହାତମାରି ବସିଛି ଚାଷୀ । ଏପଟେ କୃଷି ବିଭାଗ ଅଧିକାରୀ ଚିତ୍ତ ରଞ୍ଜନ ଶତପଥୀ କହିଛନ୍ତି ଯେ, ସମସ୍ତ ଚାଷୀଙ୍କୁ ମଧ ସୂଚନା ଦିଆଯାଇଛି ଓ ଧାନର କିଭଳି ଭାବେ ସୁରକ୍ଷା ବ୍ୟବସ୍ଥା ହେବ ତାହାକୁ ନେଇ ମଧ ଆଲୋଚନା କରାଯାଇଥିଲା ବୋଲି କହିଛନ୍ତି ।

## ଉତ୍ତରପ୍ରଦେଶ ଗୋରେଖପୁରରେ ପ୍ରଧାନମନ୍ତ୍ରୀଙ୍କ.... (୧ମ ପୃଷ୍ଠାରୁ)

ଆଇସିଏମ୍‌ଆର୍ କେନ୍ଦ୍ର ଖୋଲିବା ସହ ଜାପାନୀ ମସ୍ତିଷ୍କ ଜ୍ୱର ଉପଚାର ଆହୁରି ଭଲଭାବେ ହୋଇପାରିବ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ଶକ୍ତି ରାଜନୀତି, ସ୍ୱେଚ୍ଛାଚାରିତା, ଦୁର୍ନୀତି ଓ ବାହୁବଳୀ ପ୍ରଭାବ ରାଜ୍ୟକୁ ଅତୀତରେ ଲୋକଙ୍କୁ ଦୁର୍ଦ୍ଦଶାଗ୍ରସ୍ତ କରିଥିବାରୁ ତାହାର ସମାଲୋଚନା କରିଥିଲେ । ଏପ୍ରକାର ଶକ୍ତିଙ୍କ ବିରୁଦ୍ଧରେ ସତର୍କ ରହିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ଆମ ସରକାର ସରକାରୀ ଗୋଦାମ ଖୋଲି ଦେଇଛନ୍ତି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଘରକୁ ଯେପରି ଖାଦ୍ୟଶସ୍ୟ ପହଞ୍ଚିବ ସେଥିରେ ଲାଗିପଡିଛନ୍ତି । ପ୍ରାୟ ୧୫କୋଟି ଉତ୍ତରପ୍ରଦେଶବାସୀ ଏହାର ସୁବିଧା ପାଉଛନ୍ତି ବୋଲି ସେ କହିଥିଲେ । ନିକଟରେ ଗରିବ କଲ୍ୟାଣ ଅନ୍ନ ଯୋଜନା ହୋଲି ପରକୁ ମଧ ସମ୍ପ୍ରସାରିତ ହୋଇଛି । ପୂର୍ବ ସରକାରଗଣ ଅପରାଧୀମାନଙ୍କୁ ସୁରକ୍ଷା ଦେଇ ଉତ୍ତରପ୍ରଦେଶର ନାମକୁ କଳଙ୍କିତ କରିଥିଲେ । ଆଜି ମାଫିଆମାନେ କାରଗାରରେ ସଜା କାଟୁଥିବା ବେଳେ, ପୁଞ୍ଜି ବିନିଯୋଗକାରୀ ଉତ୍ତରପ୍ରଦେଶରେ ବିନିଯୋଗ ଅବାଧରେ କରୁଛନ୍ତି । ତାହା ହିଁ ଡବଲ ଇଞ୍ଜିନର ଦିଗୁଣା ବିକାଶ ।

ü [ ôAñC e_ñ ge Vaf A¬ô i eKiê C_ùe agû ej Ôùuaûì ùi Kj þùf ö

## ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପୁତିନଙ୍କ ବୈଠକ : ଅନେକ ପ୍ରସଙ୍ଗ ଉପରେ ହେଲା ଆଲୋଚନା



ନୂଆଦିଲ୍ଲୀ : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସୋମବାର ଦିନ ନୂଆଦିଲ୍ଲୀରେ ସାକ୍ଷାତ କରି ଆଞ୍ଚଳିକ ତଥା ବିଶ୍ୱ ସ୍ତରୀୟ ବିକାଶ ସହିତ ମହାମାରୀ ପରେ ଆଫଗାନିସ୍ତାନର ପରିସ୍ଥିତି ଉପରେ ଆଲୋଚନା କରିଛନ୍ତି । ଏକ ଉଚ୍ଚ ସ୍ତରୀୟ ପ୍ରତିନିଧିଙ୍କ ସହ ପୁତିନ ଏକବିଂଶତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀ ପାଇଁ ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ୨୦୨୨ରେ ୨୨ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀ ପାଇଁ ସେ ମୋଦୀଙ୍କୁ ରୁଷ ପରିଦର୍ଶନ କରିବାକୁ ଆମନ୍ତ୍ରଣ କରିଥିଲେ । ନିମ୍ନଲିଖିତ ପ୍ରସଙ୍ଗରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । କୋଭିଡ୍ ମହାମାରୀର ଆହ୍ୱାନ ସତ୍ତ୍ୱେ ଦୁଇ ଦେଶ ମଧ୍ୟରେ ସ୍ୱତନ୍ତ୍ର ତଥା ସୁବିଧାଜନକ ରଣନୀତିକ ଭାଗିଦାରୀ ଜାରି ରହିଥିବା ଅଗ୍ରଗତିରେ ଦୁଇ ନେତା ସନ୍ତୋଷ ବ୍ୟକ୍ତ କରିଛନ୍ତି । ବୈଦେଶିକ ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କ ୨ + ୨ ସଂଳାପର ପ୍ରଥମ ବୈଠକ ଏବଂ ନୂଆଦିଲ୍ଲୀରେ ସାମରିକ ଏବଂ ସାମରିକ-ବୈଷୟିକ ସହଯୋଗ ଉପରେ ଆନ୍ତଃସରକାରୀ ଆୟୋଗର ବୈଠକକୁ ସେମାନେ ସ୍ୱାଗତ କରିଛନ୍ତି । ନେତାମାନେ ଅଧିକ ଅର୍ଥନୈତିକ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ଏହି ପରିପ୍ରେକ୍ଷୀରେ ଦୀର୍ଘ ମିଆଦି, ପୂର୍ବାନୁମାନଯୋଗ୍ୟ ଏବଂ ସ୍ଥାୟୀ ଅର୍ଥନୈତିକ ସହଯୋଗ ପାଇଁ ଅଭିବୃଦ୍ଧିର ନୂତନ ଚାଳକ ଉପରେ ଗୁରୁତ୍ୱାରୋପ କରିଥିଲେ । ପାରସ୍ପରିକ ବିନିଯୋଗର ସଫଳତାର କାହାଣୀକୁ ସେମାନେ ପ୍ରଶଂସା କରିବା ସହ ପରସ୍ପରର ଦେଶରେ ଅଧିକ ପୁଂଜି ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଆନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡର ଏବଂ ପ୍ରସ୍ତାବିତ ଚେନ୍ନାଇ-ଭ୍ଲାଡିଭୋଷ୍ଟୋକ ପୂର୍ବାଞ୍ଚଳ ସାମୁଦ୍ରିକ କରିଡର ମାଧ୍ୟମରେ ସଂଯୋଗର ଭୂମିକା ଉପରେ ଆଲୋଚନା କରାଯାଇଥିଲା ।


ଏହି ଦୁଇ ନେତା ଭାରତର ରାଜ୍ୟଗୁଡିକ ସହିତ, ରୁଷର ବିଭିନ୍ନ ଅଂଚଳରେ ବିଶେଷ କରି ରୁଷର ଦୂର ପୂର୍ବ ସହିତ ଅଧିକ ଆନ୍ତ ଆଂଚଳିକ ସହଯୋଗ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । କୋଭିଡ୍ ମହାମାରୀ ବିରୋଧରେ ଲଢ଼େଇରେ ଚାଲିଥିବା ଦ୍ୱିପାକ୍ଷିକ ସହଯୋଗକୁ ସେମାନେ ପ୍ରଶଂସା କରିଥିଲେ, ଆବଶ୍ୟକ ସମୟରେ ଦୁଇ ଦେଶ ପରସ୍ପରକୁ ପ୍ରଦାନ କରୁଥିବା ମାନବିକ ସହାୟତା ସହିତ । ନେତାମାନେ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ବିକାଶ ଉପରେ ଆଲୋକପାତ କରିଥିଲେ, ଯାହା ମହାମାରୀର ପରବର୍ତ୍ତୀ ବିଶ୍ୱ ଅର୍ଥନୈତିକ ପୁନରୁଦ୍ଧାର ଏବଂ ଆଫଗାନିସ୍ତାନର ସ୍ଥିତିକୁ ନେଇ ଆଲୋଚନା ହୋଇଥିଲା । ସେମାନେ ସହମତ ହୋଇଥିଲେ ଯେ ଆଫଗାନିସ୍ତାନ ଉପରେ ଦୁଇ ଦେଶ ସମାନ ଦୃଷ୍ଟିକୋଣ ଏବଂ ଚିନ୍ତାଧାରା ବାଣ୍ଟିଛନ୍ତି ଏବଂ ଆଫଗାନିସ୍ତାନ ଉପରେ ପରାମର୍ଶ ଏବଂ ସହଯୋଗ ପାଇଁ ଏନ୍‌ଏସ୍‌ଏ ସ୍ତରରେ ପ୍ରସ୍ତୁତ ଦ୍ୱିପାକ୍ଷିକ ରୋଡମ୍ୟାପକୁ ପ୍ରଶଂସା କରିଛନ୍ତି ।

ସେମାନେ ଦର୍ଶାଇଛନ୍ତି ଯେ, ଉଭୟ ଆନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟ ପକ୍ଷ ସମାନ ଦୃଷ୍ଟିକୋଣ ବାଣ୍ଟିଛନ୍ତି ଏବଂ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ସମେତ ବହୁପକ୍ଷୀୟ ଫୋରମରେ ସହଯୋଗକୁ ଆହୁରି ମଜବୁତ କରିବାକୁ ସହମତ ହୋଇଛନ୍ତି ।

ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅଣସ୍ଥାୟୀ ସଦସ୍ୟତା ଏବଂ ୨୦୨୧ ମସିହାରେ ବ୍ରିକ୍ସର ସଫଳ ଅଧ୍ୟକ୍ଷତା ପାଇଁ ପୁତିନ ମୋଦୀଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ପୁତିନଙ୍କୁ ଆର୍କଟିକ୍ କାଉନସିଲ୍‌ର ସଭାପତି ଭାବରେ ଅଭିନନ୍ଦନ ଜଣାଇଛନ୍ତି ।

## ଯଦି ତୁମେ ଏଠାରେ ଶ୍ୱାସରୁଦ୍ଧ ଅନୁଭବ କରୁଛ, ଭାରତ ଛାଡିଦିଅ : ଆର୍‌ଏସ୍‌ଏସ୍ ନେତା ଇନ୍ଦ୍ରେଶ କୁମାର କହିଲେ ଫାରୁକ ଅବଦୁଲ୍ଲାଙ୍କ





ନୂଆଦିଲ୍ଲୀ : ବରିଷ୍ଠ ରାଷ୍ଟ୍ରୀୟ ସ୍ୱୟଂସେବାକ ସଂଗଠନ (ଆର୍‌ଏସ୍‌ଏସ୍) ନେତା ଇନ୍ଦ୍ରେଶ କୁମାର ସୋମବାର ଦିନ ଜାତୀୟ ସମ୍ମିଳନୀ ସଭାପତି ଫାରୁକ ଅବଦୁଲ୍ଲାଙ୍କ ବୟାନକୁ ନେଇ କହିଛନ୍ତି ଯେ ଜମ୍ମୁ-କଶ୍ମୀରବାସୀ ନିଜ ହକ୍ ପାଇବା ପାଇଁ ଆନ୍ଦୋଳନକାରୀ କୃଷକମାନଙ୍କ ଭଳି 'ବଳିଦାନ' କରିବାକୁ ହେବ । ସେ କହିଛନ୍ତି, ଅବଦୁଲ୍ଲାଙ୍କ ବୟାନରୁ ଜଣାପଡୁଛି ଶାନ୍ତି ବଦଳରେ ସେ ହିଂସାକୁ ପସନ୍ଦ କରନ୍ତି । କୁମାର ଏହା ମଧ୍ୟ କହିଛନ୍ତି ଯେ, ଯଦି ଅବଦୁଲ୍ଲା ଭାରତରେ ଶ୍ୱାସରୁଦ୍ଧ ଅନୁଭବ କରନ୍ତି, ତେବେ ସେ ନିଜ ପସନ୍ଦରେ ଦୁନିଆର ଅନ୍ୟ କୌଣସି ସ୍ଥାନରେ ରହିବାକୁ ଦେଶ ଛାଡି ଚାଲିଯିବା ଉଚିତ୍ ।

## ମୁକ୍ତିଲାଭ କଲା ପଦ୍ମିନୀ କୋହ୍ଲାପୁରେଙ୍କ ଗୀତ 'ୟେ ଗଲିୟାଁ ୟେ ଚୌବାରା' : କଣ୍ଠଦାନ କଲେ ଅଭିନେତ୍ରୀ ନିଜେ



ମୁମ୍ବାଇ : 'ପ୍ରେମ୍ ରୋଗ' ଚଳଚିତ୍ରର ପଦ୍ମିନୀ କୋହ୍ଲାପୁରେଙ୍କ ଆଇକନିକ୍ ଗୀତ 'ୟେ ଗଲିୟାଁ ୟେ ଚୌବାରା'ର ନୂତନ ସଂସ୍କରଣ ମୁକ୍ତିଲାଭ କରିଛି । ଏହି ଗୀତଟିକୁ ଅଭିନେତ୍ରୀ ନିଜେ ତାଙ୍କ ସୁମଧୁର ସ୍ୱରରେ ଗାଇଛନ୍ତି । ପ୍ରିୟଙ୍କା ଶର୍ମାଙ୍କ ଲେବଲ୍ ୱାନ ହୃଦୟସ୍ପର୍ଶୀ ବିବାହ ସଂଗୀତ ମୁକ୍ତ କରିଛି । ଗୀତ ବିଷୟରେ ପଦ୍ମିନୀ କୋହ୍ଲାପୁରେ କୁହନ୍ତି, "ଏହି ଗୀତରେ କାମ କରିବା ଏତେ ଆକର୍ଷଣୀୟ ଥିଲା ଯେ, ଏହା ମୋତେ ମୂଳ ଗୀତର ସୁଟିଂର ସ୍ମୃତିକୁ ଫେରାଇ ଆଣିଥିଲା । ସେହି ଉତ୍ସାହକୁ ପୁନର୍ବାର ଅନୁଭବ କରିବା ମୋତେ ବହୁତ ଆନନ୍ଦ ଦେଇଛି ଏବଂ ମୁଁ ଏଥି ପାଇଁ ଗର୍ବିତ ଓ ଉତ୍ସାହିତ ଆଇକନିକ୍ ଗୀତ ସୃଷ୍ଟି କରିବାକୁ ସକ୍ଷମ ହେବାକୁ ।"

## ଭୂପୃଷ୍ଠରୁ ଆକାଶ ମାର୍ଗକୁ ଲକ୍ଷ୍ୟ ଭେଦ କରୁଥିବା ସ୍ୱଳ୍ପ ଦୂରତ୍ୱ ବିଶିଷ୍ଟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ଭୁବନେଶ୍ୱର, (ପିଆଇବି) : ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ) ଦ୍ୱାରା ଓଡିଶା ଉପକୂଳରେ ଥିବା ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ, ଚାନ୍ଦିପୁରଠାରେ ଭର୍ଟିକାଲ୍ ଲଞ୍ଚରୁ ସ୍ୱଳ୍ପ ଦୂରତାରେ ଭୂପୃଷ୍ଠରୁ ଆକାଶ ମାର୍ଗକୁ ଲକ୍ଷ୍ୟଭେଦ କରୁଥିବା କ୍ଷେପଣାସ୍ତ୍ରର ସଫଳତା ପୂର୍ବକ ପରୀକ୍ଷଣ କରାଯାଇଛି । ଏହି ଉତ୍‌କ୍ଷେପଣକୁ ଏକ ଇଲେକ୍‌ଟ୍ରୋନିକ୍ ଟାର୍ଗେଟ ବିପକ୍ଷରେ କମ୍ ଉଚ୍ଚତାରେ ଏକ ଭର୍ଟିକାଲ ଲଞ୍ଚରୁ କରାଯାଇଛି । ହେଲ୍‌ଥ ପାରାମିଟର ସହିତ ଭେଇକିଲର ଫ୍ଲାଇଟ ମାର୍ଗକୁ ଆଇଟିଆର, ଚାନ୍ଦିପୁରଠାରେ ନିୟୋଜିତ ଅନେକ ଗୁଡିଏ ଟ୍ରାକିଂ ସିଷ୍ଟମ ଦ୍ୱାରା ଅନୁଧ୍ୟାନ କରାଯାଇଛି । ସମସ୍ତ ଉପାଦାନ ଯଥା କଣ୍ଟ୍ରୋଲର ସହିତ ଭର୍ଟିକାଲ୍ ଲଞ୍ଚର ୟୁନିଟ, କାନିଷ୍ଟରାଇଜ୍ଡ ଫ୍ଲାଇଟ୍ ଭେଇକିଲ୍, ୱିପନ୍ କଣ୍ଟ୍ରୋଲ ସିଷ୍ଟମ ଇତ୍ୟାଦିର ସମନ୍ୱିତ ଅପରେସନକୁ ପରୀକ୍ଷା କରିବା ପାଇଁ ଆଜି ସିଷ୍ଟମର ଉତ୍‌କ୍ଷେପଣ କରାଯାଇଥିଲା । ଏଗୁଡିକ ଇଣ୍ଡିଆନ ନାଭାଲ୍ ସିପରୁ ଭବିଷ୍ୟତରେ କ୍ଷେପଣାସ୍ତ୍ର ଉତକ୍ଷେପଣ ପାଇଁ ଆବଶ୍ୟକ । ଏହି ଟେଷ୍ଟ ଉତକ୍ଷେପଣକୁ ଡିଆରଡିଓ ଓ ନୌସେନାର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇଛି । ପ୍ରଥମ ଟ୍ରାଏଲକୁ ୨୨ ଫେବୃୟାରୀ ୨୦୨୧ରେ କରାଯାଇଛି ଓ ଏହା ହେଉଛି ଏକ ସୁନିଶ୍ଚିତକରଣ ପରକ୍ଷା ଯଦ୍ୱାରା ସମନ୍ୱିତ ଅପରେସନ ଓ ଗଠନର ସ୍ଥାୟୀ କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଡିଆରଡିଓ, ଭାରତୀୟ ନୌସେନାକୁ ସଫଳତା ପୂର୍ବକ ଫ୍ଲାଇଟ ଟେଷ୍ଟ ପାଇଁ ଅଭିନନ୍ଦନ ଜଣାଇଛନ୍ତି ଏବଂ କହିଛନ୍ତି ଯେ ଏହି ସିଷ୍ଟମ ଆକାଶ ମାର୍ଗରେ ବିପଦ ବିପକ୍ଷରେ ଇଣ୍ଡିଆନ୍ ନାଭାଲ୍ ସିପର ପ୍ରତିରକ୍ଷା କ୍ଷମତାକୁ ଆହୁରି ବୃଦ୍ଧି କରିବ । ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ)ର ସଚିବ ଡ. ଜି ସତୀଶ ରେଡ୍ଡୀ ଏହି ସଫଳ ପରୀକ୍ଷଣରେ ସାମିଲ୍ ହୋଇଥିବା ଟିମକୁ ପ୍ରଶଂସା କରିଛନ୍ତି ଓ କହିଛନ୍ତି ଯେ ଏହାଦ୍ୱାରା ଇଣ୍ଡିଆନ ନାଭାଲ୍ ସିପ୍ରେ ୱିପନ ସିଷ୍ଟମର ସାମିଲ ପାଇଁ ମାର୍ଗ ଉନ୍ମୁକ୍ତ ହୋଇଛି ।

## ଓମିକ୍ରନ୍ ପାଇଁ ରେଳ ବିଭାଗ ସତର୍କ, ଯାତ୍ରୀମାନଙ୍କୁ ଡିସ୍‌ପୋଜେବଲ୍ ଚାଦର-କମ୍ବଳ ଦିଆଯିବ

ନୂଆଦିଲ୍ଲୀ : କରୋନାର ନୂତନ ଭାରିଆଣ୍ଟ ଓମିକ୍ରନ୍ ବିପଦକୁ ଦୃଷ୍ଟିରେ ରଖି ୱେଷ୍ଟର୍ଣ୍ଣ ରେଲ୍‌ୱେ ଏକ୍ସପ୍ରେସ ଟ୍ରେନର ଯାତ୍ରୀମାନଙ୍କୁ ଡିସପୋଜେବଲ୍ ଲାଇଲନ୍ ଯୋଗାଇବାକୁ ନିଷ୍ପତ୍ତି ନେଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଚାରୋଟି ଟ୍ରେନରେ ଆରମ୍ଭ ହୋଇଛି । ରେଳବାଇ ଦ୍ୱାରା ଦିଆଯାଇଥିବା ଏହି ଡିସପୋଜେବଲ୍ ଲାଇଲନ୍ ପ୍ୟାକେଟରେ ଏକ କମ୍ବଳ, ତକିଆ ଏବଂ ଏହାର ଆବରଣ, ଏକ ଚାଦର, ମାସ୍କ, ସାନିଟାଇଜର ଏବଂ ନାପକିନ୍ ରହିବ । ୱେଷ୍ଟର୍ଣ୍ଣ ରେଲ୍‌ୱେ ଅନୁଯାୟୀ, ଅଗଷ୍ଟ କ୍ରାନ୍ତି, ରାଜଧାନୀ ଏକ୍ସପ୍ରେସ, ଗୋଲଡେନ୍ ଟେମ୍ପ୍‌ଲ୍ ଏକ୍ସପ୍ରେସ ଏବଂ ପଶ୍ଚିମ ଏକ୍ସପ୍ରେସ ୪ଟି ଟ୍ରେନରେ ଏପରି ଡିସ୍‌ପୋଜେବଲ୍ ଲାଇଲନ୍ ଦିଆଯାଉଛି । ଏହି ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନେ ଏହି ଡିସ୍‌ପୋଜେବଲ୍ ଲାଇଲନ୍ ପ୍ୟାକେଟ୍ ମାତ୍ର ୧୫୦ ଟଙ୍କାରେ କିଣିପାରିବେ । ରେଳବାଇ ଅନୁଯାୟୀ, କରୋନାର ନୂତନ ଭାରିଆଣ୍ଟର ସଂକ୍ରମଣ ଆଶଂକାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଏହା କେବଳ ଯାତ୍ରୀମାନଙ୍କ ଘରୁ ଜିନିଷପତ୍ର ଆଣିବାକୁ ଥିବା ବୋଝକୁ ହ୍ରାସ କରିବ ନାହିଁ, ବରଂ ସେମାନଙ୍କୁ ଘରୁ ଆଣିବାକୁ ଭୁଲିଯିବାର ଅସୁବିଧାର ସମ୍ମୁଖୀନ ହେବାକୁ ମଧ୍ୟ ଆଉ ପଡିବ ନାହିଁ । କେବଳ ଏତିକି ନୁହେଁ, ଯାତ୍ରା ଶେଷ ହେବା ପରେ ରେଳବାଇ ନିଜେ ଏହାକୁ ବ୍ୟବହାର କରୁଥିବା ଯାତ୍ରୀମାନଙ୍କଠାରୁ ଡିସ୍‌ପୋଜେବଲ୍ ଲାଇଲନ୍ ସଂଗ୍ରହ କରି ଡିସ୍‌ପୋଜ୍ କରିବ, ଯେଉଁ କାରଣରୁ କରୋନା ସଂକ୍ରମଣ ବିସ୍ତାର ହେବାର ଆଶଙ୍କା ରହିବ ନାହିଁ ।

## ସରକାରୀ ବିଦ୍ୟାଳୟର ଶିକ୍ଷକ ଜଣେ ମଦ ମାଫିଆ, ନିଜ ଘରେ ଗୋଦାମ କରିଥିଲେ



ବାଗହା : ବିହାର ସିଏମ୍ ନୀତୀଶ କୁମାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି, କିନ୍ତୁ ତାଙ୍କ ସରକାରୀ କର୍ମଚାରୀମାନେ ପ୍ରତିଦିନ ମଦ ନିଷେଧ ଆଇନକୁ ଚୂନା ଲଗାଉଛନ୍ତି ।

ତ୍ୟାଗ ଏବଂ ନୈତିକତାର ଶିକ୍ଷା ଦେଉଥିବା ଏହିପରି ଜଣେ ଗୁରୁ ଶୁକ୍ରବାର ବିଳମ୍ବିତ ରାତିରେ ମଦ ବିକ୍ରି କରୁଥିବା ବେଳେ ଧରାପଡିଥିଲେ । ବିଶେଷ କଥା ହେଉଛି, ଏହି ବ୍ୟକ୍ତିଙ୍କୁ ମଦ ବିକ୍ରୟ ପାଇଁ ୧୦ ବର୍ଷ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଜେଲକୁ ପଠାଯାଇଛି ।

ଏହି ମାମଲା ବିହାରର ବାଗହା ସହ ଜଡିତ ଏବଂ ଅଭିଯୁକ୍ତ ହେଉଛନ୍ତି ସରକାରୀ ବିଦ୍ୟାଳୟର ମଧୁବନୀର ପ୍ରଧାନ ଶିକ୍ଷକ, ଯାହାଙ୍କ ନାମ ସୁରେନ୍ଦ୍ର ଗୁପ୍ତା । ସୁରେନ୍ଦ୍ର ଧନହା ଥାନାର ଦହଓ୍ୱା ବଜାରର ବାସିନ୍ଦା । ପ୍ରଧାନ ଶିକ୍ଷକ ଘରେ ରଖି ମଦ ବିକ୍ରି କରୁଥିଲେ । ପୋଲିସ ଷ୍ଟେସନ ଅଧିକାରୀ ମୁନ୍ନା କୁମାର କହିଛନ୍ତି ଯେ, ପ୍ରଧାନ ଶିକ୍ଷକ ମଦ ବ୍ୟବସାୟ କରୁଥିବା ଖବର ପାଇବା ପରେ ଶିକ୍ଷକ ସୁରେନ୍ଦ୍ର ଗୁପ୍ତାଙ୍କ ଘରେ ଚଢ଼ାଉ କରାଯାଇଥିଲା ।

ଏହି ଚଢ଼ାଉ ସମୟରେ ଶିକ୍ଷକଙ୍କ ଘରୁ ମୋଟ ୨୫ ବୋତଲ ୪.୫ ଲିଟର ମ୍ୟାକଡୋନାଲ୍ଡ ମଦ ଉଦ୍ଧାର କରାଯାଇଥିଲା । ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇ ଧନହା ପୋଲିସ ଷ୍ଟେସନକୁ ଅଣାଯାଇଛି । ସୁରେନ୍ଦ୍ର ଗୁପ୍ତା କେଉଁଠାରେ ମଦ ବିକ୍ରି କରୁଥିଲେ ତାହା ଚିହ୍ନଟ କରାଯାଉଛି । ଶିକ୍ଷକଙ୍କୁ ଜେଲକୁ ପଠାଇବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ଏସ୍‌ଏଚ୍‌ଓ କହିଛନ୍ତି ।

## ଭାରତ ଗସ୍ତରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ



ନୂଆଦିଲ୍ଲୀ : ଓମିକ୍ରୋନ ସଙ୍କଟ ଭିତରେ ଆଜି ଭାରତ ଗସ୍ତରେ ଆସୁଛନ୍ତି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ଯାହକୁ ନେଇ ସାରା ବିଶ୍ୱର ନଜର ରହିଛି । ରୁଷ୍ ରାଷ୍ଟ୍ରପତି ପୁଟିନ ଭାରତକୁ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଥିବା ବେଳେ ପ୍ରତିରକ୍ଷା, ବାଣିଜ୍ୟ, ଶକ୍ତି ଓ କୂଟନୈତିକ ସହଭାଗିତା, ଉଭୟ ରଷ୍ଟ୍ର ମଧ୍ୟରେ ସମ୍ପର୍କର ଉନ୍ନତି ପ୍ରସଙ୍ଗରେ ଆଲୋଚନା କରିପାରନ୍ତି । ତେବେ ଫୋକସରେ ରହିବ ଏସ-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମ ଓ ଏକେ-୨୦୩ ଆସଲଟ ରାଇଫଲ । ଏହି ଦୁଇ ଦେଶ ମଧ୍ୟରେ ୨୧ତମ ବାର୍ଷିକ ସମ୍ମିଳନୀ ରହିଛି । ଶେଷ ଥର ପାଇଁ ୨୦୧୯ରେ ଏହି ସମ୍ମିଳନୀ ହୋଇଥିଲା ।

## ଚପର ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରେ ବିପିନ ରାୱତ



ନୂଆଦିଲ୍ଲୀ : ଆଜି ତାମିଲନାଡୁର କାନ୍ନୁରଠାରେ ସେନାର ଏକ ଚପର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରେ ଦେଶର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ ଜେନେରାଲ ବିପିନ ରାୱତ ଓ ତାଙ୍କ ପତ୍ନୀ ରହିଥିବା ଜଣାପଡିଛି । ତେବେ ଭାରତୀୟ ବାୟୁ ସେନା (ଆଇଏଏଫ୍)ର ସୂଚନାନୁସାରେ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣଙ୍କର ଚିକିତ୍ସା ଚାଲିଛି ବୋଲି ଜଣାପଡିଛି ।

## ମଦନପୁର ଅଂଚଳରେ ବଢୁଛି ଚୋରା ମଦ କାରବାର

ମ.ରାମପୁର, (ନିପ୍ର) : ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଅଂଚଳରେ ଦିନକୁ ଦିନ ଚୋରା ଦେଶୀ ବିଦେଶୀ ମଦ କାରବାର ବଢୁଥିବା ସାଧାରଣରେ ଅଭିଯୋଗ ହେଉଛି । ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ଭଡାଘର ଖାଲି ରହୁଥିବା ସହର



ରାଜକିଶୋର ଦାସ

ରାଧା ପରି ରାଧା ସିନାରେ ସଙ୍ଗିନୀ / ରାଧା ପରି ରାଧା ସିନା / ସ୍ତିରୀ ମାତରକେ ଅଛନ୍ତି ଯେତେକେ / ସର୍ବେ ପିତଳ ସେ ସୁନା ।' ସତରେ କ'ଣ ରାଧାଙ୍କ ଦେହ ସୁନାରେ ଗଢା ଥିଲା ? ନିଶ୍ଚୟ ନା । ଏ ତ ଆତ୍ମାର ପରିଚିତି, ଚେତନା ପରିଚିତି । ରାଧାଙ୍କ ପାଖରେ ସେଇ ଗୁଣ ଥିଲା ଯେ ତାଙ୍କ ପ୍ରେମିକ-ପରମାତ୍ମାଙ୍କ ପାଖରେ ପହଞ୍ଚିବା ପାଇଁ କୌଣସି ବଦନାମ, ଆକଟ, ଅବାଟ ଅଟକେଇ ପାରୁ ନଥିଲା । ଥରେ ପ୍ରେମର ବଂଶୀ କର୍ଣ୍ଣ ଗହ୍ୱରରେ ଗୁଞ୍ଜରିତ ହେଲେ ତାଙ୍କୁ ଅଟକେଇବା ପାଇଁ କେହି ନଥିଲେ । ତାଙ୍କ ଏକାଗ୍ରପଣ, ତାଙ୍କୁ ଜଗତର ଶ୍ରେଷ୍ଠ ପ୍ରେମିକା ଆଖ୍ୟା ଦେଇଛି । ପ୍ରେମରେ ପ୍ରାପ୍ତିର ଆଶା ନାହିଁ, କେବଳ ଦେବା - ନିଜକୁ, ମନକୁ, ଆତ୍ମାକୁ, ସମର୍ପି ଦେବା ହିଁ ପ୍ରେମ । ପ୍ରେମର ପରିମାପକରେ ରାଧା ଚରିତ୍ରରୁ ଆଜିଯାଏଁ କାହା ପ୍ରେମ ଟପି ପାରିନାହିଁ । ଗୋଟିଏ ଶ୍ରେଣୀର, ସମବୟସରେ ଯେଉଁଠି ପ୍ରେମ ହୁଏ ତାହା ପ୍ରେମ ନୁହଁ, ପ୍ରେମ ନାଁରେ ଆଉକିଛି ହୋଇପାରେ । କବି କଳହଂସ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ଅନେକ ଧାଡିତ ମନକୁ କ'ଣ ଆତ୍ମାକୁ ଚହଲେଇଦିଏ । ତେବେ ସେ କୃଷ୍ଣ ପ୍ରେମରେ ମଜ୍ଜି ଯାଇ ଏହିସବୁ ଧାଡି ରଚନା କରିଥିଲେ ନା କେଉଁଠି ନା କେଉଁଠି ନିଜେ କୃଷ୍ଣ ଚରିତ୍ର ଭିତରେ ପଶିଯାଇଥିଲେ ?

: ହଁ, ଭାଇ, ସେ ଯାହା ହେଉ ଆମର ରୀତିଯୁଗୀୟ କବିମାନେ ଯାହା ଲେଖିଯାଇଛନ୍ତି ତାକୁ ଅଜିକାର ଓଡ଼ିଆ କବି କ'ଣ, ବିଶ୍ୱର କୌଣସି କବି ଟପିଯିବା ସହଜ କଥା ନୁହଁ ।

: ହଁ ରାଜୁ, ତୁମେତ ଏସବୁ ପଢ଼ିଥିବ । ବଳଦେବ ରଥଙ୍କର ଚମ୍ପୂ କି ଚମତ୍କାର ଭାବ, କି ଚମତ୍କାର ଶବ୍ଦ ସଂଯୋଜନା 'ଗଲାଣି ତ ଗଲା କଥାରେ ସଂଗାତ / ଗଲାଣି ତ ଗଲା କଥା / ଗୁପତେ ସିନା ମୁଁ ତତେ ପଚାରିଲି ବଳି ପଡିବାରୁ ବ୍ୟଥା / ଗଙ୍ଗାରୁ ବିଶଦ ଗଭୀର ତୋ ହୃଦ / ଗଣ୍ଠିଧନ ତୋର ସ୍ନେହ / ଗୋଡ ଖସି ଖେଦ ହେବାର ଦରଦ / ଯିବାର ଉପାୟ କହ ।' ରାଜୁ, କୃଷ୍ଣ ଚରିତ୍ରକୁ ଲୋକେ କେତେ ଦୂର ବୁଝିଛନ୍ତି ମୁଁ କହି ପାରିବିନି । କିନ୍ତୁ, ବ୍ୟାସଙ୍କ ଚରିତ ! ଏହି ଚରିତ୍ରର ମହନୀୟତା ହେଲା ଯେ, ଏ ନାରୀଙ୍କୁ ଖୁବ୍ ସମ୍ମାନ ଦିଅନ୍ତି, ଏଣୁ ତ ଷୋଳସହସ୍ର ଗୋପୀ ତାଙ୍କ ପ୍ରଣୟିନୀ ଥିଲେ । ସେ କେବଳ ରାସ କରୁଥିଲେ, ରାସ ଅର୍ଥ ରତି ନୁହଁ, ରମଣ ନୁହଁ । ମନକୁ ରମଣ କରିବା ଅର୍ଥ, ଦେହକୁ ରମଣ କରିବା କେଉଁ ଶବ୍ଦକୋଷରେ ଲେଖାଅଛି ଏକାର୍ଥ ବୋଲି ?

: ହଁ ଭାଇ, ଏହି ଅର୍ଥ ପାଞ୍ଚହଜାର ବର୍ଷହେଲା ଖୋଜା ଚାଲିଛି, ଗବେଷଣା ଚାଲିଛି ।

: ଆରେ ଭାଇ, ଆଉ ପେଗ୍‌ଟେ ଢାଳ । କାଦମ୍ବରୀ ପିଇ ଷୋଳସହସ୍ର ନାରୀଙ୍କ ସହ ରାସ କରୁଥିବା ଜଣଙ୍କ କଥା ଆମ ପରି ସାଧାରଣ ଲୋକଙ୍କ ମୁଣ୍ଡରେ କେମିତି ପଶିବ ?

: ତଥାପି ଆମେ ଆମ ପାଇଁ କଥା ହେବାରେ କ'ଣ ଅଛି ।

: ହଁ, ମୁଁ ତ ସେ ଚରିତ୍ରକୁ କୋଟି ପ୍ରଣାମ କରୁଛି । ଏତିକିତ ଜାଣିଛି ବା ଶିଖିଛି ; ଯେ ସିଏ ନାରୀଙ୍କୁ ଜୀବନର ସର୍ବଶ୍ରେଷ୍ଠ ଶ୍ରଦ୍ଧା ଓ ସମ୍ମାନ ଦେଇଛନ୍ତି । ଏମିତି କି ନାରୀ ପାଦ ମଥାରେ ନେବା ପାଇଁ ବି ପଛେଇ ନାହାଁନ୍ତି ।

: ତେବେ ଆଜିର ଇଣ୍ଟରନେଟ୍ ଯୁଗରେ ଉତ୍ତର ଆଧୁନିକ ଲୋକ ?

: ଆରେ ଏମାନେ ସାରା ଜୀବନ ସାରିଦିଅନ୍ତି, କିନ୍ତୁ, ପ୍ରେମ କ'ଣ ଜାଣିପାରନ୍ତି ନାହିଁ । ଆଉ ପ୍ରେମ କରିବେ କ'ଣ ? ହଁ, ମନେ ପଡିଲା କେଉଁଠି ଗୋଟେ ପଢ଼ିଥିଲି, ଜଣେ ସାଧୁପାଖକୁ ଜଣେ ଲୋକ ଗଲେ । କହିଲେ, ମହାଶୟ, ମୁଁ ତୁମ ଶିଷ୍ୟତ୍ୱ ଗ୍ରହଣ କରିବାକୁ ଆସିଛି । ସାଧୁ ପଚାରିଲେ, ତୁମେ କାହାକୁ ପ୍ରେମ କରିଛ ? ସେ କହିଲେ, ନାଁ ମୁଁ ଆଜିଯାଏ ନିଜକୁ ଜଣେ ଆଦର୍ଶ ଓ ଧାର୍ମିକ ରୂପରେ ପାଳିଛି, କେବଳ ଆପଣଙ୍କର ଶିଷ୍ୟ ହେବି ବୋଲି । ସାଧୁ କହିଲେ, ତୁମେ ଯଦି ସାଧାରଣ ମଣିଷକୁ ପ୍ରେମ କରିପାରିଲ ନାହିଁ, କେମିତି ବିଶ୍ୱ ବ୍ରହ୍ମାଣ୍ଡର ହର୍ତାକର୍ତ୍ତାଙ୍କୁ ପ୍ରେମ କରିବ ? ପ୍ରେମ ନ କଲେ କ'ଣ, ଈଶ୍ୱର ପ୍ରାପ୍ତି ହୋଇପାରିବ ? ତୁମେ ଫେରିଯାଅ, ତୁମକୁ ମୁଁ ମୋର ଶିଷ୍ୟରୂପେ ଗ୍ରହଣ କରିପାରିବି ନାହିଁ ।

: ହଁ ଭାଇ, ଦେଖ ଆମ ଦେହକରେ ଅନେକ ଭଗବାନଙ୍କର ଆବିର୍ଭାବ ହେଲା, କିନ୍ତୁ ମହାତ୍ମା ଜଣେ ମାତ୍ର । ତେବେ ମୋ ଭିତରେ ସବୁବେଳେ ଗୋଟେ ଦ୍ୱନ୍ଦ୍ୱ ଥାଏ ଯେ, କ'ଣ ଈଶ୍ୱର ହେବା ସହଜ ଓ ଭଲ ମଣିଷ ହେବା କଷ୍ଟ ? କ'ଣ ଭଲ ମଣିଷଟିଏର ଆସନ ଈଶ୍ୱରଙ୍କ ଆସନଠାରୁ ମଧ୍ୟ ଉଚ୍ଚାରେ ?

: ହଁ ରାଜୁ, ଯୁଗେ ଯୁଗେ ତ ଭକ୍ତ ହିଁ ଭଗବାନଙ୍କଠାରୁ ବଡ଼ ବୋଲି ପ୍ରମାଣିତ ହୋଇସାରିଛି । ତେବେ ଦେଖ, ମଣିଷ ଯେତିକି ଚେଷ୍ଟା କରେନି ଜଣେ ଭକ୍ତ ହେବାପାଇଁ ସେତିକି ଚେଷ୍ଟା କରେ ଭଗବାନ ହେବା ପାଇଁ । ଏଣୁତ ଆମ ପାଖରେ ଭଗବାନଙ୍କ ସଂଖ୍ୟା ଅଧିକ । ଜଣେ ସଚ୍ଚା ଓ ନିରୁତା ମଣିଷଟିଏ ହେବା ହିଁ ତ ଈଶ୍ୱର ପ୍ରାପ୍ତିର ସିଧା ରାସ୍ତା, ଯଦି ମଣିଷ ଈଶ୍ୱର ପ୍ରାପ୍ତି ଚାହେଁ । ଦେଖ, ଗୌତମ ବୁଦ୍ଧଙ୍କ କଥା, ସେ ଶହେ ଜନ୍ମ ନେଇଛନ୍ତି ଜୀବନର ସତ୍ୟକୁ ଖୋଜିବା ପାଇଁ । ଈଶ୍ୱର ହେବା ପାଇଁ ନୁହଁ, ପରବର୍ତ୍ତୀ ସମୟରେ ମଣିଷ ତାଙ୍କୁ ଭଗବାନ କହିଲା କି ବୁଦ୍ଧ କହିଲା ତାଙ୍କ ଧର୍ମକୁ ଗ୍ରହଣ କଲା ବା ଅଗ୍ରାହ୍ୟ କଲା, ସେତ ଅଲଗା କଥା । ଏ ଭିତରେ ଥରେ ମୁଁ ଜଣେ ସାଧୁଙ୍କ ପ୍ରବଚନ ଶୁଣିବାକୁ ଯାଇଥିଲି ।

ତାଙ୍କ ଖାଲି ଗିଲାସରେ ଆଉ ଗୋଟେ ଲାର୍ଜପେଗ୍ ଢାଳିଦେଇ ମୁଁ କହିଲି -

: ଭାଇ, ତମକୁ ଆଜିଯାଏଁ ମୁଁ ବୁଝିପାରିଲିନି । ତୁମେ ପୁଣି ପ୍ରବଚନ ବି ଶୁଣ ?

: ଆରେ ଶୁଣେ କ'ଣ, ଦରକାର ପଡ଼ିଲେ ପ୍ରବଚନ ଦେଇବି ପାରେ । ବୁଝିଲ ରାଜୁ, ଆମେ ଗୋଟେ ମିକ୍ସଚର୍ ଜୀବନ ଜିଉଁଛେ । ଆମେ ଆମ ସଂସ୍କୃତି, ଆମ ଐତିହ୍ୟକୁ ଛାଡ଼ି ପାରୁନେ କି ଆଧୁନିକତାକୁ ଏଡ଼େଇ ପାରୁନେ । କେତେବେଳେ କେଉଁ ବାଲାନ୍ସରେ କାମ ଚାଲେ ସବୁତ ହାର୍ମୋନୀ ଭିତରେ ବୋଲି ମୁଁ କହିପାରୁନି । ତେବେ ସେଦିନ ସେ କହୁଥିଲେ, ଧ୍ରୁବ ଅଠଚାଳିଶି ହଜାର ବର୍ଷ ରାଜ୍ୟ ଶାସନ କରିଥିଲେ । ହଁ, ହୁଏତ ଆମପାଇଁ ଏହା ଅବିଶ୍ୱାସ ହୋଇପାରେ । ହେବାକଥା ବି । ଏହା କେଉଁ ସତ୍ୟ ଯୁଗର କଥା ହୋଇଥିବ । କିନ୍ତୁ ଆଜିକାଲିର ନେତାଏ ରାଜ୍ୟଶାସନ ପାଇଁ କେତେ ମିଥ୍ୟା କେତେ ଅସତ୍ୟ ରାସ୍ତା ଆପଣେଇଲେ ବି ତିଷ୍ଠିବା କଷ୍ଟ ହୋଇପଡୁଛି । ଆଉ ବାବା ମାନେ ଓ ଧର୍ମଯାଜକମାନଙ୍କ କଥାତ ଶୁଣୁଥିବ, କେମିତି ସେକ୍ସ ସ୍କାଣ୍ଡାଲରେ ପଡ଼ି ଭିତରକୁ ଯାଉଛନ୍ତି । ମାଳା ଗଡ଼େଇବା ବଦଳରେ ଘଣାପେଲୁଛନ୍ତି ।

: ଭାଇ, ଆଉ ଆଣିବା ?

: କ'ଣ ସରିଗଲାଣି ? ହାଫ ଓ ନିପ୍ ଟେ ଆଣିଥିଲ ତ ?

: ଆଣିଥିଲି ଯେ ଭାଇ, ଆମେ ପରା ତିନିଘଣ୍ଟା ଧରି ପିଇଲେଣି ।

: ଟାଇମ୍ କେତେ ହେଲାକି ? (ମୋବାଇଲ ଦେଖି) ଜମା ଆଠଟା ବାଜିଛି ।

: ବାଜିଲେ କ'ଣ ହେଲା, ଆମେ ପରା ଆଜି ସାଢ଼େ ଚାରି ପାଞ୍ଚ ରୁ ବସିଛେ ।

: ଥାଉ, ଆଉ ଆଣିବାନି । ଆରେ ବେଶି ପିଇଲେ ମଦୁଆ ମଦୁଆ ଲାଗିବ ମ । ଆମେ କିଛି ସମୟ ଏକାଠି ବସିବା ପାଇଁ ପିଇବା, ଏକ ବାହାନା ମାତ୍ର ।

: ହେଲେ ଭାଇ ଏ ବାହାନା ଆମର ଲକ୍ଷ୍ୟ ହେଇଯାଉନି ତ ! ଆଜି ଆମେ କିଛି ଭଲ ଗପ ଗପିନେ । ରାଧାକୃଷ୍ଣଙ୍କଠୁ ଆରମ୍ଭ କରି ରାଜନୀତି ଯାଏଁ ପହଞ୍ଚିଗଲେଣି ।

: ହେଉ, ତୁମେ ଆଉ ଗୋଟେ ଛୋଟଟେ ଆଣ । ଆଉ ଘଣ୍ଟାଏ ବସିବା । ତୁମକୁ ଗୋଟେ ବଢ଼ିଆ କଥା କହିବି ।

: ସେଥିପାଇଁତ ଭାଇ ଅପେକ୍ଷା । ତୁମେ ବସିଥାଅ, ମୁଁ ଯାଇକି ଆଣେ ।

ମୁଁ ପ୍ରାୟ ପନ୍ଦର କୋଡ଼ିଏ ମିନିଟ୍ ଭିତରେ ଫେରିଲା ବେଳକୁ ଭାଇ ମୋବାଇଲ୍ ରୁ ଗୀତ ଶୁଣୁଥିଲେ, ଗୁଲାମ ଅଲ୍ଲୀଙ୍କ ଗଜଲ,- 'ୟେ ମେହେସୁସ୍ ହୋତା ହେ / ଛୁଟକର କିସିସେ / କୋଇ ଚିଜ୍ କମ୍ ହୋ ଗୟି ହେ ଜିନ୍ଦେଗୀ ସେ ।' ମୁଁ କହିଲି-

: ଭାଇ ତମକୁ ଯଦି ଏକଲା ଛାଡ଼ି ଦିଆଯିବ, ତମେ ତ ଡିପ୍ରେସନ୍ ଭିତରକୁ ପଳେଇବ । ସବୁବେଳେ ତ ଦୁଃଖର ଗଜଲ୍ ଶୁଣିବାରେ ଲାଗିଲ ।

: କେଉଁ ଜଣେ ବଡ଼କବି ଲେଖିଥିଲେ, 'ହଜିନାହିଁ ଯା'ର କେବେ କିଛି ହିଁ ରତନ, ଏ ମର୍ତ୍ତ୍ୟ ମଣ୍ଡଳେ ସେହି ଦୀନ ଅକିଂଚନ' । ମୁଁ ତ ଜାଣିଛି କିଛି ହରାଇନି । ହୁଏତ ମୋ ଅଜାଣତରେ କିଛି ହଜେଇ ଦେଇଛି । ସେଇଥିପାଇଁ ମୋର ଏ ଅବସ୍ଥା ! ହେଲେ ରାଜୁ ମଣିଷ ସବୁବେଳେ ଏକେଲା, ନିଜ ଜୀବନକୁ ନିଜେ ହିଁ ତ ମୁଣ୍ଡେଇ ଚାଲିଥାଏ । ତମେ ମନବୋଧ ଚଉତିଶା' ପଢ଼ିଥିବ 'ଘରେ ଘରଣୀ ଦେହ କିଳାଉଥିବ / ଘେନି ବନ୍ଧୁ କୁଟୁମ୍ବ ଶୁଦ୍ଧ ହୋଇବ ।

: ହେଲା ଯେ ଭାଇ, ତମେ ତ କହୁଛ ଆମେ ମିକ୍ସଚର୍ ଜୀବନ ଜୀଉଁଛେ ।

: ଜୀବନର ଏ ସିମ୍ଫୋନି ଯେତିକି ଦୁର୍ବୋଧ, ସେତିକି ସୁମଧୁର । ଛାଡ଼ ଜୀଇଁଛେ ତ ଜୀଇଁଛେ ।

: ଭାଇ, କ'ଣ କହିବ କହୁଥିଲ, ନିଅ, ଟିକେ ପିଇଦେଇ ମୁଡ୍ ଆଣ । ପୂରା ଫ୍ରେସ୍ ହୋଇ କଥା ଆରମ୍ଭ କର ।

ଏକାଥରକେ ପୂରା ଗୋଟେ ଲାର୍ଜ ପେଗ୍ ନେଇ, କହିଲେ -

: ପଞ୍ଚସ୍ତରୀ ମସିହାରେ, ଗାଁ ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷା ଦେଇ ଖରାଛୁଟିରେ ମୁଁ ଭୁବନେଶ୍ୱର ଆସିଥିଲି । ମୋର ଜଣେ ସଂପର୍କୀୟଙ୍କ ଘରେ ରହୁଥିଲି । ବୋଧେ ବୁଦ୍ଧି ଜାଣିଲାଦିନୁ ସେ ହେଉଛି ଭୁବନେଶ୍ୱର ମୋର ପ୍ରଥମ । ତା' ଆଗରୁ କେବେ ଥରେ ଅଧେ ଆସିଛି, କିନ୍ତୁ ମୋର ସେକଥା କିଛି ମନେ ନାହିଁ । ଦିନେ ସଂଧାରେ ତାଙ୍କ ଅଫିସ୍‌ରେ ପିଅନ କାମ କରୁଥିବା ଜଣଙ୍କ ସାଙ୍ଗରେ ମୁଁ ସାଇକେଲ୍ ଧରି ବୁଲିବାକୁ ବାହାରିଲି । ସିଏ ମୋତେ ରାଜମହଲ ଛକରେ ଠିଆ କରିଦେଇ କୁଆଡ଼େ ଗୋଟେ କାମରେ ଗଲା । ମୁଁ ବୋର୍ ହେବି କହିବାରୁ କହିଲା, ମୁଁ ଆସିବା ଭିତରେ ଏଇ ଛକରେ କେତେଜଣ ଝିଅ ଯିବା ଆସିବା କରୁଛନ୍ତି ତୁମେ ଗଣୁଥାଅ । ମୁଁ ଆସିଲେ କହିବ । ଆରେ ମୁଁ ବୋକା, ସତ ସତ ଗଣିବାରେ ଲାଗିଲି । ପ୍ରାୟ ପଞ୍ଚଚାଳିଶି ମିନିଟ୍ ଭିତରେ ପଞ୍ଚସ୍ତରୀ ଝିଅ ଛକ ଦେଇ ଯିବା ଆସିବା କଲେ ।

: ହେଲା ଯେ ଭାଇ, ଘଟଣା କ'ଣ ଘଟିଥିଲା ?


: ଆରେ, ଘଟଣା କ'ଣ ଘଟିବ । ଦେଖ, ଏତେ ବର୍ଷର ସେ ପୁରୁଣା କଥା ମୋର ଆଜିବି ପୂରା ମନେ ଅଛି । ସେତେବେଳେ ଏତେ ଗାଡ଼ି ଘୋଡ଼ା ନଥିଲା, ଅଟୋ ଜମାରୁ ନୁହଁ । ଯିଏ ଯୁଆଡ଼େ ଯିବ, ରିକ୍ସା ବା ଚାଲି ଚାଲି । ତେବେ ସେ ଦିନର ସେଇ ଘଟଣା ମୋର କାଇଁ ମନେ ଅଛି ଜାଣିଛ ? ସତର ବର୍ଷ ବୟସ ବେଳେ କେହି ଜଣେ ଝିଅଙ୍କୁ ଦେଖିବାକୁ ବା ଗଣିବାକୁ କହିଲା ଏହା ବଡ଼କଥା ନୁହଁ । ବଡ଼ କଥା ହେଲା ସେଦିନ ଚଉସ୍ତରୀ ଝିଅ ବା ମହିଳା ଶାଢ଼ୀ ପିନ୍ଧିଥିଲେ ବା ସାଲୁଆର, ଚୁଡ଼ିଦାର ପିନ୍ଧିଥିଲେ । ଡ୍ରେସ୍ ପିନ୍ଧିଥିବା ଝିଅଙ୍କ ଛାତିରେ ଦୁପଟା ଥିଲା ନିଶ୍ଚୟ । କେବଳ ଜଣେ ମାତ୍ର ଝିଅ ବିନା ଦୁପଟାରେ ରିକ୍ସାରେ ବସି ଯାଉଥିଲା । ସଂଧ୍ୟା ସମୟ ଯୋଗୁଁ ରିକ୍ସା ଟପ୍ ଖୋଲାଥିଲା । ଝିଅଟି ପିଲା ଲୋକ ନୁହଁ, ଆଚ୍ଛା ଗ୍ରୋନ୍‌ଅପ୍ ଝିଅଟେ । ସେତେବେଳେ ତ ମର୍କୁରି ବା ଲିଅନ୍ ଲାଇଟ୍ ନଥିଲା । ବତୀଖୁଣ୍ଟରେ ବଲ୍‌ଟେ ବା ବାର୍‌ଟେ । ଏଣୁତ ସେ ଝିଅଟି ସୁନ୍ଦର ଥିଲା କି ଅସୁନ୍ଦର ଥିଲା ମୁଁ କହିପାରିବିନି କିନ୍ତୁ ତା ବେଶ ପୋଷାକରୁ ଜଣା ଯାଉଥିଲା ଖାନ୍‌ଦାନି ନିଶ୍ଚୟ ।

: ଭାଇ, ତେବେ ଆଜିକାଲିର ଝିଅମାନେ...

: ଆମ ସମୟରେ ଝିଅ କଲେଜକୁ ଗଲେ ଶାଢ଼ୀ ପିନ୍ଧୁଥିଲେ, ବର୍ତ୍ତମାନ ତ ମାଡ଼ାମ୍ ମାନେ ବି ଶାଢ଼ୀ ପିନ୍ଧିବା ଛାଡ଼ିଦେଲେଣି । ସେ ଶାଢ଼ୀ ପିନ୍ଧବା କି ଡ୍ରେସ୍ ପିନ୍ଧିବା ବଡ଼ କଥା ନୁହେଁ ବରଂ ଡ୍ରେସ୍ ପିନ୍ଧିବା ଉଚିତ୍ । ତଦ୍ୱାରା ଗାଡ଼ିଘୋଡ଼ାରେ ଚଢ଼ିବା, ଚାଲିବା, କାମ କରିବାରେ ଫୁର୍ତ୍ତି ଲାଗିବ । ସାରା ଦେହ ଢାଙ୍କି ହେଇ ରହିଲା । ତେବେ ରାଜୁ, ମୋର କହିବା କଥା ଆଜିକାଲି ଶହେରୁ ପଞ୍ଚସ୍ତରୀ ଝିଅ ବା ମହିଳା ଡ୍ରେସ୍ ପିନ୍ଧିଲେ ବି ଦୁପଟା ବ୍ୟବହାର କରୁନାହାନ୍ତି । ଆମର ଏ ଚିନ୍ତାଧାରାକୁ ଲୋକ ମରହଟ୍ଟି କହିପାରନ୍ତି, କିନ୍ତୁ ମୁଁ ଜାଣିଛି ଆମ ଗାଉଁଲିରେ ଗୋଟେ କଥା ଅଛି, ଓଢ଼ଣା ତଳ ମୁହଁ ସୁନ୍ଦର । ଅର୍ଥାତ୍ ଯାହାକୁ ଘୋଡ଼େଇ ରଖାଯିବ ସେ ଆପେ ଆପେ ସୁନ୍ଦର ଲାଗିବ ବା ସୁନ୍ଦରପଣକୁ ଦାବି କରିବସିବ । (ସଂଗୃହୀତ)

## ଛନ୍ଦାଚରଣ ଆଚାର୍ଯ୍ୟଙ୍କୁ ଭେଟିବା ତାଙ୍କ ତୁଳୀ ଓ କବିତାରେ......





ନା' ଆଗରେ ସମୁଦ୍ର
ନା' ଚକାଆଖି !
କେହି କୁଆଡ଼େ ନାଇଁ କିଛି
'ଏକା ଏକା ସମୁଦ୍ର କୂଳରେ'
ମୁଁ କବିତା ପଢୁଛି
ଅଣସର ଘରକଥା
ମନେ ପକଉଛି,
ଚିହ୍ନରା ମାଟିରେ ମେଘ
ଭର୍ତ୍ତରୀ ଖେଳୁଛି ।।

# ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍‌ର ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ବଲାଙ୍ଗିର, (ନିପ୍ର) : ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍‌ର ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ଆଜି ଅପରାହ୍ନର ସାଢ଼େ ୫ଟା ସମୟରେ ସରକାରଙ୍କ ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକୁ ଘରୋଇକରଣ କରାଯିବା ନିଷ୍ପତ୍ତିକୁ ବିରୋଧ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍‌ର ବଲାଙ୍ଗିର ଜିଲ୍ଲା କମିଟି ସଂଯୋଜକ ରୋହିତ କୁମାର ଶତପଥୀ, ଯୁଗ୍ମ ସଂଯୋଜକ ରୂପେଶ କୁମାର ଦଲାଇ, ସଂପାଦକ ଗୋବର୍ଦ୍ଧନ ଦାଶ, ପ୍ରଫୁଲ୍ଲ କୁମାର ଭାଇଁସା, ସରୋଜ କୁମାର ନାୟକ, ସୌରଭ କୁମାର ମେହେର, ଶିବାନନ୍ଦ ଦାଶ, ଚାପଧାରୀ ମିଶ୍ର, ଅରବିନ୍ଦ ମହାଣା, ସଂଦୀପନ ଦାଶ, ସୂଚୀସ୍ମିତା ନାଏକ, ବିଜନ କୁମାର ବାରିକ, ବିଘ୍ନେଶ୍ୱର ଦାସ, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କ ସମେତ୍ କମିଟିର ବହୁ ସଦସ୍ୟ ଏହି ବିକ୍ଷୋଭ ପ୍ରଦର୍ଶନରେ ସାମିଲ୍ ହୋଇଥିଲେ ।

# ଜାଲ ପ୍ରମାଣ ପତ୍ର ଦେଇ ସାଜିଲେ ବିଦ୍ୟୁତ କର୍ମଚାରୀ : ନିଯୁକ୍ତିରେ ଅନିୟମିତତା ଅଭିଯୋଗ, ଭିଜିଲାନ୍ସ ତଦନ୍ତ ପାଇଁ ଦାବୀ






ସଇଁନ୍ତଲା, (ନିପ୍ର) : ଜଣଙ୍କର ପ୍ରମାଣ ପତ୍ରକୁ ଚଞ୍ଚକତା କରି ଅନ୍ୟ ଜଣେ ଚାକିରି ହାତେଇବା ପରି ସଂଗୀନ ଅଭିଯୋଗ ଆସିଛି ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକରୁ । ଯେତେବେଳେ ବି ନିଯୁକ୍ତି ପ୍ରସଙ୍ଗ କଥା ଉଠେ, ବଲାଙ୍ଗିର ଜିଲ୍ଲା ବେଶ୍ ଚର୍ଚ୍ଚାକୁ ଆସେ । କାରଣ ଏଠି ଯୋଗ୍ୟ ପ୍ରାର୍ଥୀଙ୍କୁ ନୁହେଁ ଅର୍ଥର ପରିମାଣକୁ ଦେଖି ପ୍ରାର୍ଥୀ ଚୟନ ହେଉଥିବା ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ । ଅଭିଯୋଗ ମୁତାବକ, ସଇଁନ୍ତଲା ବିଦ୍ୟୁତ ବିଭାଗ ଅଧିନସ୍ଥ କରମତଲାର ନବ ନିର୍ମିତ ବିଦ୍ୟୁତ ଗ୍ରୀଡ କେନ୍ଦ୍ରକୁ ଓଡ଼ିଶା ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ଡବ୍ଲୁଓଡିସି ଅଧକ୍ଷ ଅସିତ ତ୍ରିପାଠୀ ଗତ ଜୁଲାଇ ମାସରେ ଉଦ୍‌ଘାଟନ କରିଥିଲେ । ଯାହା ଫଳରେ ଅନେକ ସ୍ଥାନୀୟ ଯୁବକମାନେ ବେକାରୀ ସମସ୍ୟାରୁ ଦୂର ହୋଇ ନିଯୁକ୍ତି ପାଇ ପାରିବେ ବୋଲି ଅନେକ ଆଶା ବିଶ୍ୱାସ କରିଥିଲେ । ହେଲେ ସ୍ଥାନୀୟ ଯୁବକମାନେ ନିଯୁକ୍ତିରୁ ବାଦ୍ ପଡିଥିବା ବେଳେ ନକଲି ପ୍ରମାଣ ପତ୍ର ଦେଇ ଚାକିରି କରୁଥିବା ଅଭିଯୋଗ ହୋଇଛି । ଜଣେ ନକଲି ପ୍ରମାଣ ପତ୍ର ଦେଇ ଚାକିରି କରୁଥିବା ଅଭିଯୋଗ ହେବା ପରେ ଏବେ ନକଲି ପ୍ରମାଣ ପତ୍ର ଦେଇ ଚାକିରି କରୁଥିବା ବ୍ୟକ୍ତିମାନେ ଛାନିଆଁ ହୋଇ ପଡିଛନ୍ତି । ତେବେ ଦୁଷ୍ମନ୍ତ ସାହୁ ନକଲି ଆଇଟିଆଇର ପ୍ରମାଣ ପତ୍ର ଦେଇ ଲାଇନ ମ୍ୟାନ ଭାବରେ ନିଯୁକ୍ତି ପାଇ ଚାକିରି କରୁଥିବା ଜଣାପଡିଛି । ଏମିତିକି କର୍ମଚାରୀ ଉପସ୍ଥାନରେ ଗତ ଦୁଇ ମାସର ବେଶ୍ ହାଜିରା ବି ପଡିଛି । ହେଲେ ଶୁଣି ଚକିତ ହେବେ, ଏହି ବାବୁ ଯେଉଁ ସାର୍ଟିଫିକେଟ୍ ଦେଇଛନ୍ତି ତାହା ତାଙ୍କର ନୁହେଁ । ପ୍ରମାଣପତ୍ର ଆଉ ଜଣକର । ନାଁ ଚଞ୍ଚକତା କରି ଅନ୍ୟ ଜଣକର ପ୍ରମାଣ ପତ୍ରରେ ନିଜ ନାମ ବସାଇ ବେଶ୍ ଆରାମରେ ଚାକିରି କରୁଛନ୍ତି । ଯାହା ଅଭିଯୋଗ ହେବା ପରେ ଏଭଳି ଘଟଣା ସାମ୍ନାକୁ ଆସିଛି । ପ୍ରକାଶ ଥାଉକି ରୋଲ ନମ୍ବର ୦୦୧୪୦୮୨୧୦୧୧୫୨୧ ଏବଂ ପ୍ରମାଣପତ୍ର ନମ୍ବର ୧୬୨୧୪୦୭୧୬୧ ଅନୁଯାୟୀ ମୋହନ ଗହୀରଙ୍କ ନାମରେ ରହିଛି ଯାହାର ବାରକୋଡ଼ ବି ରହିଛି । ହେଲେ ସେହି ପ୍ରମାଣପତ୍ର ନମ୍ବର ଏବଂ ବାରକୋଡ଼କୁ ଚଞ୍ଚକତା କରି ମୋହନ ଗହୀର ନାମ ବଦଳରେ ଦୁଷ୍ମନ୍ତ ସାହୁ କରି ନିଶ୍ଚିନ୍ତରେ ସେ ଚାକିରି କରୁଥିବା ଜଣାପଡିଛି । ଅଭିଯୋଗ ହୋଇଛି ଯେ, ଅସଲି ପ୍ରାର୍ଥୀମାନଙ୍କୁ ବାଦ ଦେଇ ନକଲି ପ୍ରାର୍ଥୀମାନଙ୍କୁ ଚାକିରି ଦିଆଯାଇଛି । ଆଉ ଏହାରି ପଛରେ ଏକ ବଡ଼ ଧରଣର ଅର୍ଥ କାରବାର ହେଉଥିବା ଅଭିଯୋଗ ହୋଇଛି । ଶାସକ ଦଳର କର୍ମୀମାନଙ୍କୁ ଥଇଥାନ କରାଯାଉଥିବା ଅଭିଯୋଗ ହୋଇଥିବା ନେଇ ସ୍ଥାନୀୟ ଗ୍ରୀଡ଼ ସାମ୍ନାରେ କିଛି ଦିନ ତଳେ ଆଦିବାସୀ ସଂଘ ଧାରଣା ଦେଇଥିଲା । ହେଲେ କୌଣସି ପ୍ରକାରର ସମସ୍ୟାର ସମାଧାନ ହୋଇନଥିଲା ।

ଏନେଇ ସମ୍ପୃକ୍ତ ନକଲି ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଦୁଷ୍ମନ୍ତ ସାହୁ ନକଲି ସାର୍ଟିଫିକେଟ ଦେଇ ଚାକିରି କରୁଥିବା କଥା ସ୍ୱୀକାର ବି କରିଛନ୍ତି । ସେ ଭୁବନେଶ୍ୱରର ଜନୈକ ବ୍ୟକ୍ତିଙ୍କୁ ବଲାଙ୍ଗିରରେ ଦେଖା କରିଥିଲେ । ଉକ୍ତ ବ୍ୟକ୍ତିଠାରୁ ପ୍ରମାଣପତ୍ର ଆଣିଥିବା ନେଇ ଦୁଷ୍ମନ୍ତ ସ୍ୱୀକାର କରି ଥିବା ବେଳେ କିଭଳି ଭାବେ ବିଭାଗୀୟ ଅଧିକାରୀମାନେ ପ୍ରମାଣ ପତ୍ରକୁ ଯାଞ୍ଚ ନକରି ନିଯୁକ୍ତି ଦେଇଛନ୍ତି, ତାହା ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଉକ୍ତ ବ୍ୟକ୍ତି କିଏ ? ଦୁଷ୍ମନ୍ତ ନିଜେ ନକଲି ପ୍ରମାଣପତ୍ରକୁ ଚଞ୍ଚକତା କରି ନିଜ ନାଁ ଦେଇ ଚାକିରି କରୁଛି ନା' ଏହାରି ଭିତରେ ଏକ ବଡ଼ ରେକେଟ କାମ କରୁଛି ? ଦୁଷ୍ମନ୍ତ ଭାତ ହାଣ୍ଡିରୁ ଗୋଟିଏ ଭାତ ସାଜିଥିବା ନେଇ ଏବେ ଚର୍ଚ୍ଚାଟି ଜୋର ଧରିଛି ।

ଏମିତି ଅନେକ ବ୍ୟକ୍ତି ଲକ୍ଷ ଲକ୍ଷ ଟଙ୍କା ଦେଇ ଚାକିରି ହାତେଇଛନ୍ତି । ବିଦ୍ୟୁତ ବିଭାଗର କର୍ମଚାରୀମାନେ ଜଡିତ ଅଛନ୍ତି ନା ସୂର୍ଯ୍ୟା କମ୍ୟୁନିକେସନ୍ ଠିକା ସଂସ୍ଥା ନିଯୁକ୍ତିରେ ସାମିଲ ଅଛି ନା' ଟାଟା ପାୱାର ଠିକା ସଂସ୍ଥା ଏହି ଦୁର୍ନୀତିରେ ସାମିଲ ରହିଛନ୍ତି କିମ୍ବା ସମସ୍ତ ବିଭାଗ ସହ ଶାସକ ଦଳର ନେତା ମନ୍ତ୍ରୀ ବି ସାମିଲ ଅଛନ୍ତି, ତାହା ଲୋକେ ଏବେ ପ୍ରଶ୍ନ କରିଛନ୍ତି ।

ଏହି ଘଟଣାରେ ବ୍ୟାପକ ପରିମାଣରେ ଦୁର୍ନୀତି ଅର୍ଥ କାରବାର ହୋଇଥିବା ବେଶ ସ୍ପଷ୍ଟ ଅନୁମାନ କରାଯାଉଛି । ତେବେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରିବା ସହିତ ଜାଲ ପ୍ରମାଣ ପତ୍ର ଦେଇ ଚାକିରି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

# ବିଡ଼ିଓଙ୍କୁ ଗୁହାରୀ କଲେ ଶ୍ରମିକମାନେ : ସରପଞ୍ଚ ମନରେଗା କାମର ଫାଇଲ୍‌କୁ ଲୁଚାଇ ଶ୍ରମିକଙ୍କୁ ପ୍ରାପ୍ୟ ଦେଉନଥିବା ଅଭିଯୋଗ



ତୁରେକେଲା, (ନିପ୍ର) : ସରପଞ୍ଚ ମନରେଗା କାମର ଫାଇଲ୍‌କୁ ଲୁଚାଇ ଶ୍ରମିକଙ୍କୁ ପ୍ରାପ୍ୟ ଦେଉ ନଥିବା ଅଭିଯୋଗ କରିଛନ୍ତି ବିଡ଼ିଓଙ୍କ ପାଖରେ ମନରେଗା କାମ କରି ପାଉଣା ପାଇନଥିବା ଶ୍ରମିକମାନେ । ଅଭିଯୋଗ ଅନୁସାରେ ତୁରେକେଲା ବ୍ଲକ ଅନ୍ତର୍ଗତ ଢୋଲମାନ୍ଦର ଗ୍ରା.ପ. ଅନ୍ତର୍ଗତ ବାହାବଲ ଗ୍ରାମର ପ୍ରାୟ ୧୦୦ ଜଣ ଜବ୍‌କାର୍ଡଧାରୀ ଅଣକୁଶଳୀ ଶ୍ରମିକମାନେ ବାହାବଲର ଡୁଙ୍ଗୁରି ଟ୍ୟାଙ୍କ କାମ କରିଥିଲେ । କିନ୍ତୁ ସେମାନଙ୍କୁ ୬ ମାସ ହେଲା ସେମାନଙ୍କ ପ୍ରାପ୍ୟ ମିଳିନାହିଁ । ପାଉଣା ପାଇଁ ଜିଆର୍‌ଏସ୍ ମହେନ୍ଦ୍ର ଧରୁଆଙ୍କୁ କହିଲେ, ସରପଞ୍ଚ ବିଶ୍ୱମିତ୍ର ଛତ୍ରିଆ ଫାଇଲ୍ ନେଇ ଯାଇଥିବା ଜିଆର୍‌ଏସ୍ କହୁଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ସରପଞ୍ଚଙ୍କ ହୀନ ଚକ୍ରାନ୍ତରେ ସେମାନେ ପାଉଣା ପାଇବାରୁ ବଂଚିତ ହୋଇଥିବା ଅଭିଯୋଗ କରିଥିବା ବେଳେ ତାଙ୍କୁ ତୁରନ୍ତ ତାଙ୍କ ପ୍ରାପ୍ୟ ପ୍ରଦାନ କରାଯିବାକୁ ତୁରେକେଲା ବିଡ଼ିଓ ଦେବାଶିଷ ସାମଲଙ୍କ ପାଖରେ ଦାବୀ କରିଛନ୍ତି ।

# ୫୯ ତମ ହୋମଗାର୍ଡ ବାର୍ଷିକ ଦିବସ ପାଳନ



ବଲାଙ୍ଗିର, (ନିପ୍ର) : ଆଜି ସ୍ଥାନୀୟ ମନୋହରପୁର ପୋଲିସ ପଡିଆରେ ବଲାଙ୍ଗିର ଜିଲ୍ଲା ହୋମଗାର୍ଡ ବାହିନୀ ଦ୍ୱାରା ୫୯ ତମ ବାର୍ଷିକ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତଥା କମାଣ୍ଡେଣ୍ଟ ହୋମଗାର୍ଡ ବଲାଙ୍ଗିର ନିତିନ କୁଶଲକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଗୃହରକ୍ଷୀଙ୍କର କର୍ତ୍ତବ୍ୟ, ଶୃଙ୍ଖଳା ଓ ଦାୟିତ୍ୱ ସମ୍ବନ୍ଧୀୟ ଉଦ୍‌ବୋଧନ ଦେଇ ଉପସ୍ଥିତ ଗୃହରକ୍ଷୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ, ରାଜ୍ୟ ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମହାନିର୍ଦ୍ଦେଶକ ରାଜ୍ୟ ଅଗ୍ନିଶମ ସେବା, ବେସମରିକ ନାଗରିକ ସୁରକ୍ଷା ଓ ଗୃହରକ୍ଷୀ ବାହିନି ଓଡିଶା, କଟକଙ୍କ ଦ୍ୱାରା ପ୍ରେରୀତ ଗୃହରକ୍ଷୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ମୁଖ୍ୟ ଅତିଥି ପଠନ କରିଥିଲେ । ଉଲ୍ଲେଖନୀୟ ସେବା ନିମନ୍ତେ ୭ ଜଣ ଗୃହରକ୍ଷୀଙ୍କୁ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବା ସହ ଅବସରପ୍ରାପ୍ତ କମ୍ପାନି କମାଣ୍ଡର, ଟିଟିଲାଗଡ଼ ଧବଳେଶ୍ୱର ଦଳବେହେରାଙ୍କୁ ଓ ଅବସର ନେବାକୁ ଥିବା ହୋମଗାର୍ଡ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ କିଳନ୍ଧର କୁମ୍ଭାରଙ୍କୁ ମୁଖ୍ୟ ଅତିଥି ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉଲ୍ଲେଖନୀୟ ସେବା ନିମନ୍ତେ ପୁରସ୍କାର ପ୍ରାପ୍ତ ଗୃହରକ୍ଷୀ ଜିତେନ୍ଦ୍ର ଖୁରା କଣ୍ଟାବାଞ୍ଜି ଉତ୍ତରାଞ୍ଚଳ ଡିଆଇଜି ପ୍ରଦାନ କରିଥିବା ପ୍ରଶଂସା ପତ୍ର ସହ ୧ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୃହରକ୍ଷୀ ଚକାନୟନ ବଗର୍ତ୍ତୀ ଦେଓଗାଁ ଥାନା, ଲଲାଟେନ୍ଦୁ ବିଶ୍ୱାଳ ଖପ୍ରାଖୋଲ ଥାନା, ସନନ୍ତ ଘିବେଲା ବେଲପଡା ଥାନା, ବିଷ୍ଣୁପ୍ରସାଦ ରାୟଗୁରୁ ଟିଟିଲାଗଡ ଥାନା, ସିଦ୍ଧାନ୍ତ ପ୍ରଧାନ ଟାଉନଥାନା ଓ ହେଡକ୍ୱାଟର ପ୍ଲାଟୁନ କମାଣ୍ଡର ସୁଧିର କୁମାର ଜାଲ ପ୍ରତ୍ୟକଙ୍କୁ ୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ସହକାରୀ ଦୁର୍ଗପତି କୁମୁଦ ସେଠଙ୍କ ତତ୍ତ୍ୱାବଧାନରେ କମ୍ପାନି କମାଣ୍ଡର ହେମନ୍ତ ବେହେରାଙ୍କର ନେତୃତ୍ୱରେ ପେରେଡ୍ ପରିଚାଳନା ହୋଇଥିଲା । ଏଥିରେ ଜିଲ୍ଲାର ସମସ୍ତ ଥାନାରୁ ଗୃହରକ୍ଷୀମାନେ ଯୋଗଦେଇ ଆୟୋଜିତ ପେରେଡ୍‌ରେ ଭାଗ ନେଇଥିଲେ । ପେରେଡ୍‌ରେ କମାଣ୍ଡରଙ୍କୁ ସେକେଣ୍ଡ ଇନ୍ କମାଣ୍ଡ୍ ଭାବେ ସହଯୋଗ କରିଥିଲେ ପ୍ଲାଟୁନ କମାଣ୍ଡର ପ୍ରଫୁଲ୍ଲ କୁମାର ବଗର୍ତ୍ତୀ । ପ୍ଲାଟୁନ ଦାୟିତ୍ୱରେ ନେଇଥିବା ପ୍ଲାଟୁନ କମାଣ୍ଡର ସୁଧିର କୁମାର ଜାଲ, ଗୁଲାମ ସାହୁ, ଟଙ୍କଧର ସେଠ୍ ଓ ଦିନବନ୍ଧୁ ନାଏକ ପ୍ରମୁଖ ସହଯୋଗ କରିଥିଲେ । ଅତିଥି ଭାବେ ୧୮୯ ବାଟାଲିଆନ, ସିଆର୍‌ପିଏଫ୍ କମାଣ୍ଡେ, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ରିଜର୍ଭ ଆର୍‌ଆଇ ଅସିତ କୁମାର ସାହୁ, ସର୍‌ଜେଣ୍ଟ ଅମିତ କିର୍ତ୍ତନିଆ, ଟାଉନ ଥାନା ଆଇଆଇସି ପ୍ରିୟଙ୍କା ପ୍ରିୟଦର୍ଶିନି ରାଉତ ଏବଂ ଅନ୍ୟାନ୍ୟ ଥାନା ଅଧିକାରୀ ବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଗୃହରକ୍ଷୀମାନଙ୍କୁ ଉତ୍ସାହିତ କରିଥିଲେ ।

# ଖପ୍ରାଖୋଲ ପୋଲିସର ଚଢ଼ାଉ : ଆଠ ଦାଦନ ଶ୍ରମିକ ଉଦ୍ଧାର





ପାଟଣାଗଡ଼, (ନିପ୍ର) : ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ପୋଲିସ ବେଆଇନ ଦାଦନ ଶ୍ରମିକ ଚାଲାଣ ବେଳେ ଚଢ଼ାଉ କରି ସୋମବାର ଆଠଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି ।

ସୂଚନା ଅନୁସାରେ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ କନ୍ଧେନଝୁଲା ଗାଁ ଛକରେ ଏକ ଗାଡି ଯୋଗେ କିଛି ମହିଳା ପୁରୁଷ ଯାଉଥିବା ଦେଖି ଗାଡ଼ି ଅଟକାଇ ପଚାର ଉଚୁରା ସମୟରେ ପଡ଼ିଆବାହାଲ ପଞ୍ଚାୟତ ଭରୁଆ ମୁଣ୍ଡା ଗାଁର ପାଞ୍ଚ ଜଣ ମହିଳା ଓ ତିନି ଜଣ ପୁରୁଷ ସହ ଚାରି ଜଣ ଶିଶୁକୁ ପୋଲିସ ଉଦ୍ଧାର କରିଥିଲା ।

ଏନେଇ ଖପ୍ରାଖୋଲ ଥାନା କେସ୍ ନଂ ୨୧୧/୨୧ରେ ଏକ ମାମଲା ରୁଜୁ କରିବା ସହ ବେଆଇନ ଦାଦନ ଚାଲାଣ ଅଭିଯୋଗରେ କଣ୍ଟାବାଞ୍ଜିର ଦାଦନ ମଧ୍ୟସ୍ଥି ଅମର ବଗ(୪୭), ବିରଞ୍ଚି ବଗ(୪୧), ପୁର୍ଣ୍ଣ ବଗର୍ତ୍ତିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଦାଦନ ସର୍ଦ୍ଦାର କନ୍ଧେନଝୁଲା ଗାଁର ଗୋପ ରାୟର ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି । ଉଦ୍ଧାର ଦାଦନ ଶ୍ରମିକ ମାନଙ୍କୁ ନିଜ ଘରକୁ ପଠେଇ ଦେଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ବ୍ୟାଙ୍କ ଘରୋଇକରଣକୁ ବିରୋଧ କଲା ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ : ଡିସେମ୍ବର ୯ ତାରିଖ କଳା ବ୍ୟାଜ୍ ଧାରଣ, ୧୬ ଓ ୧୭ରେ ଦେଶବ୍ୟାପୀ ଧର୍ମଘଟ




ବଲାଙ୍ଗିର, (ନିପ୍ର) : ସରକାରଙ୍କ ପବ୍ଲିକ୍ ସେକ୍ଟର ବ୍ୟାଙ୍କଗୁଡ଼ିକୁ ଘରୋଇକରଣ କରାଯିବା ନିଷ୍ପତ୍ତିକୁ ବିରୋଧ କରିଛି ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ । ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଆସନ୍ତା ଡିସେମ୍ବର ୯ ତାରିଖ ଦିନ ସାରା ଦେଶର ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ କଳା ବ୍ୟାଜ୍ ଧାରଣ କରିବା ସହ ଆସନ୍ତା ୧୬ ଓ ୧୭ ତାରିଖ ଦିନ ଧର୍ମଘଟକୁ ଓହ୍ଲାଇବେ । ଏ ସଂପର୍କରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍‌ର କନ୍‌ଭେନର୍ ସଂଜୀବ କୁମାର ବନ୍ଦଲିଶ୍ ସାର୍‌କୁଲାର୍ ନଂ.ୟୁଏଫ୍‌ବିୟୁ/୨୦୨୧/୧୯, ତା.୦୩/୧୨/୨୦୨୧ରେ ସୂଚନା ଦେଇଛନ୍ତି ।

# ଅବସରପ୍ରାପ୍ତ ସିଆର୍‌ପିଏଫ୍ ଯବାନଙ୍କ ଝିଅର ସଫଳତା : ଆଭ୍ୟନ୍ତରୀଣ ଅଞ୍ଚଳରୁ ଯାଇ ଆଇଆଇଟି ଇନ୍ଦୋରରେ ହାସଲ କଲେ ସ୍ୱର୍ଣ୍ଣ ପଦକ

**● ଛୁଟୁଛି ଶୁଭେଚ୍ଛାର ସୁଅ, ଆର୍ଥିକ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ପରିବାର ଲୋକେ ●**



ସଇଁନ୍ତଲା, (ନିପ୍ର) : ଦୃଢ଼ ବିଶ୍ୱାସ ଥିଲେ ମିଳେ ସଫଳତା । ଏହି ଉକ୍ତିକୁ ବାସ୍ତବରେ ପ୍ରମାଣିତ କରୁଛନ୍ତି ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ କଅଁସର ପଞ୍ଚାୟତ ଡୁମେରମୁଣ୍ଡା ଗ୍ରାମର ଆରତୀ ସାମଲ(୨୩) । ଆରତୀ ୧୯୯୮ ମସିହାରେ ଘୁନସର-ଡୁମେରମୁଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ବାପା ବିଘ୍ନ ରାଜ ସାମଲ ଓ ମାଆ ପଙ୍କଜିନୀ ସାମଲଙ୍କ ଏକ ମାତ୍ର ଝିଅ ଆରତୀ ଓ ୨ ପୁଅ ମଧ୍ୟ ରହିଛନ୍ତି । ଏହି ଉପାନ୍ତ ଅଞ୍ଚଳରୁ ଯାଇ ଆଇଆଇଟି ଇନ୍ଦୋରରେ କେମେଷ୍ଟ୍ରି ବିଭାଗର ସ୍ନାତକ ସ୍ତରରେ ହାସର କଲେ ସ୍ୱର୍ଣ୍ଣ ପଦକ । ଯାହାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଆରତୀ ନିଜର ଏହି ସଫଳତା ପାଇଁ ପରିବାର ଓ ସମ୍ପର୍କୀୟ ଭାଇଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି । ଆର୍ଥିକ ଅନାଟନ ସ୍ୱତେ ନିଜ ଲକ୍ଷ ପଥରେ ସେ ବିଚିୟ ହୋଇନ ଥିଲେ । ଆରତୀ ନିଜର ସଫଳତା ଯାତ୍ରାକୁ ନେଇ ଭିଡ଼ିଓ ମାଧ୍ୟମରେ ସେ ଅନୁଭୂତି ବାଣ୍ଟିଛନ୍ତି । ଆରତୀଙ୍କ ବାପା ବିଘ୍ନ ରାଜ ସାମଲ ଜଣେ ଅବସରପ୍ରାପ୍ତ ସିଆରପିଏଫ୍ ଯବାନ । ବଡ଼ମାଲ ଗୋଳାବାରୁଦ କାରଖାନାରେ ଆରତୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଆର୍ଥିକ ଅନାଟନ ମଧ୍ୟରେ ଭୁବନେଶ୍ୱର ବିଜେବି କଲେଜରେ ପାଠ ପଢ଼ିଥିଲେ । ପରିବାର ଲୋକଙ୍କ ବାରଣ ସ୍ୱତେ ଆଗକୁ ପଢିବା ପାଇଁ ଇଚ୍ଛା ରଖି ଆରତୀ ଆଇଆଇଟିରେ ପ୍ରବେଶ କରିବାର ଯୋଗ୍ୟତା ହାସଲ କରିଥିଲେ । ଝିଅର ଏହି ସଫଳତା ପାଇଁ ପରିବାରଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି । ଆରତୀ ଆଗକୁ ଜଣେ ବିଜ୍ଞାନିକ ହୋଇ ଦେଶ ପାଇଁ କିଛି କରିବାର ଆଶା ରଖିଛନ୍ତି । ତେବେ ଅବସରପ୍ରାପ୍ତ ସିଆର୍‌ପିଏଫ୍ ଯବାନଙ୍କ ଝିଅର ସଫଳତା କାହାଣୀକୁ ନେଇ ଏବେ ଅନେକ ଚର୍ଚ୍ଚା । ଅବସରପ୍ରାପ୍ତ ସିଆର୍‌ପିଏଫ୍ ଯବାନଙ୍କ ଝିଅ ହୋଇଥିଲେ ମଧ୍ୟ ଆରତୀଙ୍କ ବାପା ଅନେକ ଅସୁବିଧା ଏବଂ ଅର୍ଥର ଅଭାବ ଥିବା ବେଳେ କଷ୍ଟ କରି ପାଠ ପଢାଇ ଚାଲିଛନ୍ତି । ମଫସଲ ଆଭ୍ୟନ୍ତରୀଣ ଅଞ୍ଚଳରୁ ଯାଇ ଆଇଆଇଟି ମଧ୍ୟପ୍ରଦେଶ ରାଜ୍ୟର ଇନ୍ଦୋରରେ ହାସଲ କଲେ ସ୍ୱର୍ଣ୍ଣ ପଦକ । ତେବେ କେମେଷ୍ଟ୍ରି ବିଭାଗର ସ୍ନାତକୋତ୍ତରରେ ପାଇଲେ ସ୍ୱର୍ଣ୍ଣ ପଦକ ଯାହାକୁ ନେଇ ପରିବାରରେ ହସ ଖୁସି ଆନନ୍ଦ ଖେଳିଯାଇଛି । ଝିଅର ପ୍ରତିଭାକୁ ନେଇ ସମଗ୍ର ସଇଁନ୍ତଲା ଅଞ୍ଚଳରେ ଖୁସିର ମାହୋଲ । ଆଗକୁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଆରତୀ ଜଣେ ବୈଜ୍ଞାନିକ ହେବାର ଲକ୍ଷ ରଖିଥିବା କହିଛନ୍ତି ପରିବାର ଲୋକେ । ଆଭ୍ୟନ୍ତରୀଣ ଅଞ୍ଚଳ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ସଇଁନ୍ତଲା ବ୍ଲକ ଅଧିନସ୍ଥ କଅଁସର ପଞ୍ଚାୟତ ଘୁନସର-ଡୁମେରମୁଣ୍ଡା ଏକ ଉପାନ୍ତ ଅଞ୍ଚଳ । ହେଲେ ଏବେ ଏହି ଗାଁ ବେଶ ପରିଚିତ । କାରଣ ନିଚ୍ଛକ ଉପାନ୍ତ ଅଞ୍ଚଳରୁ ଯାଇ ଜଣେ ଛାତ୍ରୀ ଇନ୍ଦୋର ସ୍ଥିତ ଆଇଆଇଟିରେ କେମେଷ୍ଟ୍ରି ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏଥିପାଇଁ ଆରତୀ ନିଜ ପରିବାର, ସମ୍ପର୍କୀୟ ଭାଇକୁ ସମସ୍ତ ଶ୍ରେୟ ଦେଇଛନ୍ତି । ଆରତୀ ଏକ ଭିଡିଓ ସୋସିଆଲ ମିଡ଼ିଆ ମାଧ୍ୟମରେ କୋଶଳ ପ୍ରବାହ ଖବରକାଗଜକୁ ଦେବା ସହ କିଭଳି ଆର୍ଥିକ ଅନାଟନରେ ଥାଇ ସତ୍ତ୍ୱେ ସେ ପାଠ ପଢାକୁ ଅଧିକ ଧ୍ୟାନ ଦେଇଥିଲେ । କିଭଳି ପରିଶ୍ରମ କରୁଥିଲେ ସେ ନେଇ ନିଜ ଅନୁଭୂତି ବାଣ୍ଟିଛନ୍ତି । ଜଣେ ସମ୍ପର୍କୀୟ ଭାଇ ଆର୍ଥିକ ସାହାଯ୍ୟ ସହଯୋଗ କରିବା ସହ ଆଗକୁ ପାଠ ପଢିବା ପାଇଁ ପ୍ରେରଣା ଯୋଗାଇ ଦେଉଥିଲେ । ଆଉ ଆରତୀ ବି ବେଶ ପରିଶ୍ରମ କରିଚାଲିଛନ୍ତି ବୋଲି କହିଛନ୍ତି । ତେବେ ଏଭଳି ଏକ ଝିଅକୁ ଜନ୍ମ ଦେଇଥିବା ପରିବାର ଲୋକଙ୍କ ମଧ୍ୟରେ ଅନେକ ଉତ୍ସାହ ମଧ୍ୟ ଲାଗି ରହିଛି । ଅନ୍ୟପଟେ ପାଠପଢା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରିବାର ମଧ୍ୟ ନିବେଦନ କରିଛନ୍ତି ଯେ, ଆରତୀଙ୍କୁ ଯଦି ସରକାର ପାଠପଢାରେ ସହାୟତା ଯୋଗାଇ ଦେଲେ ଆଗକୁ ପାଠପଢାରେ କୌଣସି ପ୍ରକାରର ବାଧା ହେବ ନାହିଁ ଓ ଆରତୀ ବେଶ ଆରାମରେ ପାଠ ପଢି ପାରିବେ ବୋଲି ପରିବାର ଲୋକେ କହିଛନ୍ତି । ତେବେ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଆକର୍ଷଣ କରି ଆରତୀଙ୍କ ପାଠପଢାରେ ସହାୟତା ଯୋଗାଇ ଦେବାକୁ ମଧ୍ୟ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି । ପ୍ରକାଶ ଥାଉକି ଯେ, ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ସଇଁନ୍ତଲା ବ୍ଲକ ଡୁମେରମୁଣ୍ଡା ଗାଁର ବାସିନ୍ଦା ଅତି ଗରିବ ପରିବାରର ବିଘ୍ନରାଜ ସାମଲ । ୧୯୮୫ ମସିହାରେ ସିଆର୍‌ପିଏଫ୍ ଯବାନ ଭାବରେ ଚାକିରି ଜୀବନ ଆରମ୍ଭ କରି ୨୦୦୬ ମସିହାରେ ଅବସର ନେଇଥିଲେ । ଚାକିରି କାଳରେ ବିଘ୍ନରାଜ ଭାରତୀୟ ସେନା ବାହିନୀ ସହ ଯୋଗଦେଇ ଏଲଟିଟିଇଙ୍କ ସହ ଲଢେଇ ସମୟରେ ମଧ୍ୟ ସାମିଲ ଥିଲେ । ହେଲେ ତାଙ୍କ ପରିବାରର ଝିଅ ଆରତୀ ପିଲା ଦିନରୁ ପାଠପଢାରେ ବେଶ ରୁଚି ରଖିଥିଲେ । ଚାକିରି ସମୟରେ ବଦଳି ବାରମ୍ବାର ହେଉଥିବା ସମୟରେ ବି ଝିଅର ପାଠପଢାରେ କୌଣସି ବ୍ୟତିକ୍ରମ ଦେଖା ଦେଇନଥିଲା । ବଡ଼ମାଲ ଗୋଳାବାରୁଦ କାରଖାନାରେ ଆରତୀ ପ୍ରଥମ ସ୍ଥାନ ଅଧିକାର କରିବା ସହ ଆର୍ଥିକ ଅନାଟନ ସତ୍ତ୍ୱେ ଭୁବନେଶ୍ୱର ବିଜେବି କଲେଜରେ ୧୮-୧୯ ମସିହାରେ ପ୍ରଥମସ୍ଥାନରେ ପାସ କରିଥିଲେ । ହେଲେ ଏତିକିରେ ତାଙ୍କ ଶିକ୍ଷା ସରିନଥିଲା । ଆଗକୁ ଆଉ ପଢ଼ିବାର ଇଚ୍ଛା ରହିଥିଲା । ପରିବାର ଲୋକଙ୍କ ବାରଣ ସତ୍ତ୍ୱେ ଆରତୀ ଆଇଆଇଟିରେ ପ୍ରବେଶ କରିବାର ଯୋଗ୍ୟତା ହାସଲ କରିଥିଲେ । ଆଗକୁ ଆରତୀ ଜଣେ ବୈଜ୍ଞାନିକ ହୋଇ ଦେଶ ପାଇଁ କିଛି କରିବାର ଆଶା ରଖିଛନ୍ତି ।

# ଫାଇଭ ଟି ସ୍ମାର୍ଟ ସ୍କୁଲର ପ୍ରସ୍ତୁତି ବୈଠକ



ଡେଲାଙ୍ଗ, (ନିପ୍ର) : ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକରେ ଫାଇଭ ଟି ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନାରେ ଆଉ ୮ଟି ସରକାରୀ ହାଇ ସ୍କୁଲକୁ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଡେଲାଙ୍ଗ ବ୍ଲକ ୪ଟି ଉଚ୍ଚ ବିଦ୍ୟାଳୟ ହରିରାଜପୁର ସୋମନାଥ ଦେବ ଉଚ୍ଚ ବିଦ୍ୟାପୀଠ, ଡେଲାଙ୍ଗ ମହତାବ ଉଚ୍ଚ ବିଦ୍ୟାପୀଠ, ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟ, ରେଂଚ ରଧାକାନ୍ତ ବିଦ୍ୟାପୀଠକୁ ପୂର୍ବରୁ ସ୍ମାର୍ଟ ସ୍କୁଲ କାମ ସମ୍ପୂର୍ଣ୍ଣ କରାଯାଇ ଲୋକାର୍ପଣ ହୋଇସାରିଛି । ଦ୍ୱିତୀୟ ପର୍ଯ୍ୟାୟରେ ସାଉରିଆର ଘୋରଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ରାଧାମୋହନଦେବ ଉଚ୍ଚ ବିଦ୍ୟାପୀଠ, ଡେଲାଙ୍ଗ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚାଇଁପୁରର ଷଡାଗୋଇ ଉଚ୍ଚ ବିଦ୍ୟାଳୟ, ଗଡମୋଟରିର ବିଶ୍ୱନାଥ ଦେବ ନୋଡାଲ ବିଦ୍ୟାପୀଠ, ଅଭୟମୁଖୀର ସର୍ବପଲ୍ଲୀ ଉଚ୍ଚ ବିଦ୍ୟାଳୟ, ଶ୍ରୀପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟ, ଧାନକେରାର କପିଳେଶ୍ୱର ଉଚ୍ଚ ବିଦ୍ୟାଳୟକୁ ଓଡିଶା ସରକାରଙ୍କ ଫାଇଭ ଟି ସ୍ମାର୍ଟ ସ୍କୁଲରେ ଏହି ଆଠୋଟି ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରଯାଇଛି । ଏନେଇ ସୋମବାର ଅପରାହ୍ନରେ ଡେଲାଙ୍ଗ ପଞ୍ଚାୟତ ସମିତି, ସଭାଗୃହରେ ବିଡିଓ ଦିଲ୍ଲୀପ କୁମାର ଷଡଙ୍ଗୀ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଠୋଟି ସରକରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପରିଚାଳନା ସମିତିର ଚେୟାରମ୍ୟାନ, ଛାତ୍ରଛାତ୍ରୀଙ୍କ ପ୍ରତିନିଧି ଓ ସ୍ଥାନୀୟ ସରପଞ୍ଚ/ସମିତିସଭ୍ୟମାନେ ଯୋଗଦେଇଥିଲେ ।

ଭିଡିଓ କନଫରେନ୍ସ ଜରିଆରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଫାଇଭ ଟି ସ୍ମାର୍ଟ ସ୍କୁଲର ଆଭିମୁଖ୍ୟ ଓ ଲକ୍ଷ୍ୟ ଉପରେ ସୂଚନା ଦେବା ସହ ବିଦ୍ୟାଳୟ ପାଇଁ ଆବଶ୍ୟକ ଥିବା କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇଥିଲେ । ରାଜ୍ୟ ସରକାର ଏହି ଯୋଜନାରେ ଦଶ ଲକ୍ଷ ଟଙ୍କା ବିଦ୍ୟାଳୟ ପ୍ରଶିକ୍ଷଣ ଓ ୩୫ ଲକ୍ଷ ଟଙ୍କା ବିଦ୍ୟାଳୟ ଗୃହ ଉନ୍ନତିକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ।

ବିଦ୍ୟାଳୟ ରୂପାନ୍ତରୀକରଣ ପାଇଁ ୭୦ ଲକ୍ଷ ଟଙ୍କା ଉପଯୋଗ ହେଉଥିବାରୁ ଅବଶିଷ୍ଟ ଅର୍ଥ ଗ୍ରାମ ପଞ୍ଚାୟତ, ବ୍ଲକ, ବିଦ୍ୟାଳୟ ପରିଚାଳନା ସମିତି ଓ ପୁରାତନ ଛାତ୍ର ସଂସଦ ଯୋଗାଡ କରିବାକୁ ନିର୍ଦ୍ଦେଶ ରହିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ସୂଚନା ଦେଇଥିଲେ ।

# ଜୁଆ ଆଡ୍ଡା ଉପରେ ଲୋଇସିଂହା ପୋଲିସର ଚଢ଼ାଉ : ୩ ଗିରଫ



ଲୋଇସିଂହା, (ନିପ୍ର) : ବେଆଇନ ଭାବେ ଜୁଆଖେଳ ଚାଲିଥିବା ବେଳେ ଲୋଇସିଂହା ପୋଲିସ ଚଢ଼ାଉ କରି ୩ ଜଣକୁ ଗିରଫ କରିଛି । ସେମାନେ ହେଲେ ଲୋଇସିଂହା ବ୍ଲକ ସରଗାଡ଼ ଗ୍ରାମର ଯଦୁମଣି ପାତ୍ର, ଲୁଚକିବାହାଲର ତ୍ରିନାଥ ସାହୁ ଓ ରଘୁ ମହାନନ୍ଦ । ତେବେ ଏହି ଜୁଆଖେଳର ମୁଖ୍ୟ କାର୍ପଟଦାର କୁହାଯାଉଥିବା ଝାରମୁଣ୍ଡାର ପୂର୍ବତନ ସରପଞ୍ଚ ମନୋଜ ଅଗ୍ରୱାଲ ଫେରାର ହୋଇଯାଇଥିବା ବେଳେ ଗିରଫ ଅଭିଯୁକ୍ତମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଥିବା ପୋଲିସ ସୂଚନା ଦେଇଛି । ଲୋଇସିଂହା ଥାନା ପଣ୍ଡକିଟାଲ ନିକଟସ୍ଥ ଜଡାମୁଣ୍ଡାଠାରେ ଘୁଡୁଘୁଡୁ ପଟି ଦ୍ୱାରା ଜୁଆଖେଳ ଚାଲିଥିବା ଖବର ପାଇ ଆଇଆଇସି ରମାକାନ୍ତ ଜେନାଙ୍କ ନେତୃତ୍ୱରେ ପୋଲିସ ସେଠାରେ ଚଢ଼ାଉ କରିଥିଲା । ସେଠାରୁ ଜୁଆଖେଳରେ ବ୍ୟବହୃତ ଘୁଡୁଘୁଡୁ ପଟି, ତିନୋଟି ମୋବାଇଲ, ଚାରୋଟି ବାଇକ, ଦୁଇଟି ଏକ୍ସେଲ ସୁପର ବାଇକ, ଦୁଇଟି ସାଇକେଲ, ଗୋଟିଏ ମହିନ୍ଦ୍ରା କାର ଏବଂ ନଗଦ ୪ ହଜାର ୭ ଶହ ଟଙ୍କା ପୋଲିସ ଜବତ କରିଥିବା ଜଣାଯାଇଛି ।

# ପଦ୍ମପୁରରେ ବିଜେପି ପ୍ରତି ଜନସମର୍ଥନ ବଢୁଛି : ବିଜେଡି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ



ପଦ୍ମପୁର, (ନିପ୍ର) : ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟିର ମଣ୍ଡଳ ଓ ଗ୍ରାମ ପଞ୍ଚାୟତସ୍ତରୀୟ ବୈଠକ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବ୍ୟାପକ ଭାବେ ଅନୁଷ୍ଠିତ ହେଉଛି । ବିଜେଡି ଓ କଂଗ୍ରେସ ବହୁ କର୍ମୀ ବିଜେପିରେ ସାମିଲ ହେବାରେ ଲାଗିଛନ୍ତି । ପଦ୍ମପୁର ଅଞ୍ଚଳରେ ଜନ ସମର୍ଥନ ମଧ୍ୟ ବଢିବାରେ ଲାଗିଛି । ଆଜି ଝାରବନ୍ଧ ବ୍ଲକର ଭଣ୍ଡାରପୁରୀ ଓ ନିଳିଜିପତ୍ରାଠାରେ ବିଜେପିର କର୍ମୀ ସମାବେଶ ମଣ୍ଡଳ ସଭାପତି ହରେକୃଷ୍ଣ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ସ୍ଥାନରେ ଶତାଧିକର୍ମୀ ଉପସ୍ଥିତ ରହି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦରେ ବିଜେପି ପ୍ରାର୍ଥୀମାନଙ୍କୁ ନିର୍ବାଚିତ କରିବା ପାଇଁ ସଂକଳ୍ପ ନେଇଥିଲେ । ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜେଡି ନେତା ଯୋଗେଶ୍ୱର ଡନସେନା, ସନ୍ତୋଷ ସିଦ୍ଧାର, ବାବୁଲାଲ ପଟେଲ, ସୁମୀତ୍ରା ସିଦ୍ଧାର, ଶ୍ରୀମତୀ କୁନ୍ଦଲତା ଭୋଇ ପ୍ରମୁକ ବିଜେପିରେ ସାମିଲ ହୋଇଥିଲେ ।

ବୁଥ ସ୍ତରର କାର୍ଯ୍ୟକର୍ତ୍ତାମାନଙ୍କ ମତାମତ ଆଧାରରେ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ପ୍ରାର୍ଥୀ ଚୟନ କରାଯିବ ବୋଲି ପୂର୍ବତନ ବିଧାୟକ ଶ୍ରୀ ପୁରୋହିତ ସୂଚନା ଦେଇଥିଲେ ।

ଉପରୋକ୍ତ ସଭାମାନଙ୍କରେ ବିଜେପି ବରିଷ୍ଠ ନେତା ହରିହର ସାହୁ, ମାନଭଞ୍ଜନ ମିର୍ଦ୍ଧା, ସାମନ୍ତ ଚନ୍ଦ୍ରଶେଖର ମୁନା, ମେନେଜର ପଟେଲ, ମନୋଜ ପ୍ରଧାନ, ପଦ୍ମନ ରଣା, ଗିରିଧାରୀ ପଟେଲ, ଦିବ୍ୟ ଶଙ୍କର ଭୋଇ, ଗଙ୍ଗାଧର ସାହୁ, କୁବେର ସାହୁ, ସୁରେନ୍ଦ୍ର ଭୋଇ, ମନବୋଧ ପଟେଲ, ବାଳମୁକୁନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବୀରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ




ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ସୂଚନା ମତେ ପ୍ରତ୍ୟେକ ପ୍ରାଥମିକ ସ୍କୁଲରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବା ପାଇଁ ସୁପ୍ରିମକୋର୍ଟର ଆଦେଶ ଥିବା ସ୍ୱତେ ଓଡ଼ିଶା ସରକାର ତାହାକୁ ଲାଗୁ କରିନାହାନ୍ତି ଯାହା ଫଳରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ରାଜ୍ୟମାନଙ୍କରେ ତାହା ଲାଗୁ ହୋଇସାରିଛି । ତେଣୁ ଦିବ୍ୟାଙ୍ଗ ପିଲାମାନେ ସ୍ୱତନ୍ତ୍ର ଶିକ୍ଷାରୁ ବଞ୍ଚିତ ହୋଇ ରହିଯାଉଛନ୍ତି । ତେଣୁ ୨ ବର୍ଷ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନର ତାଲିମ ନେବା ସ୍ୱତେ ସ୍ୱତନ୍ତ୍ର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ ନାହିଁ । ତେଣୁ ଯଦି ଆଗାମୀ ଦିନରେ ଶିକ୍ଷକ ପଦବୀ ନିଯୁକ୍ତ କରାନଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି ।

# ସରକାରୀ କାର୍ଯ୍ୟାଳୟରେ ବନ୍ଧୁକ ଦେଖାଇ ଫୋଟୋ ହେଲେ ଟିଏମସି ନେତ୍ରୀ : ସୋସିଆଲ ମିଡିଆରେ ଭାଇରାଲ, ରାଜନୈତିକ ଉତ୍ତେଜନା ସୃଷ୍ଟି

କୋଲକାତା : ସରକାରୀ କାର୍ଯ୍ୟାଳୟରେ ବନ୍ଧୁକ ଦେଖାଇ ଫୋଟ ହୋଇଛନ୍ତି ଟିଏମସି ନେତ୍ରୀ । ଯାହା ସୋସିଆଲ ମିଡିଆରେ ଭାଇରାଲ ହୋଇ ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି । ତେବେ ଏହି ଟିଏମସିର ନେତ୍ରୀ ଜଣକ ହେଉଛନ୍ତି ମାଲଦା ପଂଚାୟତର ଏବଂ ଜିଲ୍ଲା ମହିଳା ୱିଙ୍ଗର ସଭାପତି ମୃଣାଳିନୀ ମୈତି । ସେ ପଶ୍ଚିମବଙ୍ଗର



ମାଲଦା ଜିଲ୍ଲାର ଏକ ସରକାରୀ କାର୍ଯ୍ୟାଳୟରେ ହାତରେ ବନ୍ଧୁକ ଧରି ଫଟୋ ଉଠାଇଥିଲେ ।

ତେବେ ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହେବା ପରେ ଏବେ ଏ ନେଇ ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି । ମାଲଦା ପଂଚାୟତର ଏବଂ ଜିଲ୍ଲା ମହିଳା ୱିଙ୍ଗର ସଭାପତି ମୃଣାଳିନୀଙ୍କ ଫଟୋକୁ ସେୟାର କରି ବିଜେପି କହିଛି ଯେ, ଟିଏମସି ରାଜ୍ୟକୁ ବିସ୍ଫୋରକ ସାମଗ୍ରୀର ଗୋଦାମରେ ପରିଣତ କରିଛି ।

# ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଲା ମାହେଶ୍ୱରୀ ସଂଗଠନ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ମହିଳା ପୋଲିସର ସ୍କୁଟି ପେଟ୍ରୋଲିଂକୁ ମାହେଶ୍ୱରୀ ମହିଳା ଶାଖା ତରଫରୁ ବଲାଙ୍ଗିର ପୋଲିସ ଅଧିକ୍ଷକ ନିତିନ କୁଶଳକରଙ୍କୁ ଭେଟି ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛି । ମାହେଶ୍ୱରୀର ସୌମ୍ୟ ପଣ୍ଡା, ଆଶିଷ ଜେନା, ସୋନିଆ ବେଜ, ଅଙ୍କିତା ପଟ୍ଟନାୟକ, ଇସିକା ଦାସ, ବର୍ଷା ସିଂହ, ମନିଷା ସାହୁ ଓ ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ଉପସ୍ଥିତ ଥିଲେ ।

# ବଲାଙ୍ଗିର ଜିଲ୍ଲା ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ବେହେରାଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ପ୍ରତିଷ୍ଠାତା ଥିଲେ ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ବେହେରା । ସଦା ସର୍ବଦା ଜିଲ୍ଲା ତଥା ରାଜ୍ୟର ସାମ୍ବାଦିକମାନଙ୍କ ସମସ୍ୟା ବିଷୟ ବିଭିନ୍ନ ଫୋରମରେ ଉପସ୍ଥାପନ କରିବା ସହିତ ବ୍ୟବସ୍ଥା ବିରୋଧରେ ପ୍ରତିବାଦ ସହ ସ୍ୱର ଉତ୍ତୋଳନ କରି ଆସିଥିଲେ ।

ତାଙ୍କର ତିରୋଧାନରେ ଆଜି ସାମ୍ବାଦିକ ଭବନଠାରେ ସଂଘର ସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସ୍ୱର୍ଗତ ସତ୍ୟ ନାରାୟଣ ବେହେରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ୱର୍ଗତ ଆତ୍ମାର ସଦଗତି କାମନା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ପରେ ଉପଦେଷ୍ଟା ସନ୍ଦୀପ କୁମାର କୁଅଁର, କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ କୁମାର ନାଏକ, କୋଷାଧ୍ୟକ୍ଷ ଶ୍ୟାମ ପ୍ରସାଦ ଗୁରୁ, ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ମିଶ୍ର, ଅଶୋକ କୁମାର ସାହୁ, ସାଧାରଣ ସଂପାଦକ ବିମଳେନ୍ଦୁ ସାହୁ ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ସ୍ମୃତି ଚାରଣ କରି ତାଙ୍କ ସଂଘ ପ୍ରତି କର୍ତ୍ତବ୍ୟବୋଧ ଓ ତ୍ୟାଗ ସଂପର୍କରେ ଆଲୋଚନା କରିଥିଲେ ।

ସଭାପତି ଶ୍ରୀ ସାହୁ ସାମ୍ବାଦିକତା ପାଇଁ ସମର୍ପିତ ସ୍ୱର୍ଗତ ବେହେରାଙ୍କ ସ୍ଥାନ ଅପୂରଣୀୟ ବୋଲି କହିଥିଲେ ।

ଶେଷରେ ସାଧାରଣ ସଂପାଦକ ଶ୍ରୀ ସାହୁଙ୍କ ଧନ୍ୟବାଦ ଅର୍ପଣ ପରେ ଶୋକସଭା ଶେଷ ହୋଇଥିଲା ।

# ଜିଲ୍ଲା ସ୍ତରୀୟ ଶିଶୁ ସୁରକ୍ଷା ଅଧିକାର କର୍ମଶାଳା, ଜଳ, ପରିମଳ ଓ ସ୍ୱଚ୍ଛତା ଉପରେ ସର୍ବଧର୍ମ ଗୋଷ୍ଠୀଙ୍କ ଆହ୍ୱାନ




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ତ୍ରିବେଣୀ ହୋଟେଲ କନ୍ଫରେନ୍ସ ହଲରେ ଜିଲ୍ଲା ସ୍ତରୀୟ ଶିଶୁ ସୁରକ୍ଷା ଅଧିକାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ୱାର୍ଲଡ଼ ଭିଜନ ଇଣ୍ଡିଆ ଲୋଇସିଂହା ଏଡିପି ପୋଗ୍ରାମ ମେନେଜର ନିର୍ମଳା କୁମାରୀଙ୍କ ସ୍ୱଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ଧର୍ମାବଲମ୍ବୀର ପୁରୋଧମାନେ ଓ ସରକାରଙ୍କ ଶିଶୁ ସୁରକ୍ଷା ଅଧିକାରୀମାନେ ଯୋଗଦେଇଥିଲେ । ଶିଶୁ କିପରି ସବୁ ଦିଗରେ ସୁରକ୍ଷିତ ହୋଇ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ଛିଡା ହୋଇପାରିବ ସେ ଦିଗରେ ଆଲୋକପାତ କରିଥିଲେ । ସମାଜ ପାଇଁ ଶିଶୁ ହିଁ ଆଗାମୀ ଦିନର ଭବିଷ୍ୟତ, ତେଣୁ ତାକୁ ପୂର୍ଣ୍ଣ ମାତ୍ରାରେ ପୂର୍ଣ୍ଣତା ସହ ଆନନ୍ଦ ମିଳିବା ଦରକାର ବୋଲି ମଧ ମତ ପ୍ରକାଶ କରିଥିଲେ । କର୍ମଶାଳକୁ ୱାର୍ଲଡ଼ ଭିଜନର କର୍ମୀ ଶୋଭା ଓ କୁନାଲ ନାୟକ ସଂଯୋଜନା କରିଥିବା ବେଳେ ଡିସିପିଓ କାର୍ଯ୍ୟାଳୟର ଦିଗାମ୍ବର କର, କ୍ୟାଥଲିକ ଚର୍ଚ୍ଚର ପାଷ୍ଟର ଧୀରେନ ସିଂ ନାୟକ, ଶିଖ ଧର୍ମଗୁରୁ କ୍ୟାପଟେନ ବଳଦେବ ସିଂ, ଜୈନ ଧର୍ମ ସଭାପତି ବକୁଳ ପ୍ରସାଦ କେଡ଼ିଆ, ସିଏନଆଇ ଚର୍ଚ୍ଚ ପାଷ୍ଟର ଇମନୁଏଲ ଦାବୀ, ଜିଲ୍ଲା ଶିଶୁ ସୁରକ୍ଷା ସଂଯୋଜିକ ସଂଧାରଣୀ ପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପରିଚାଳନାରେ ଇସମାଏଲ ହନୁମାନ, ବିରଂଜନ ବାଗ, ଶଙ୍କର ନାଦମ, ହିମାଂଶୁ ନାୟକ, ସୁରେଶ କଦମ ସେଠ, ମଳୟ ନାୟକ, ଧ୍ରୁବ ସାମଲ ସମେତ ୱାର୍ଲଡ଼ ଭିଜନର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ ।

# ଅପରାଧୀ ସାବଧାନ : ବଲାଙ୍ଗିର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ, ଘାଇଁ ଘାଇଁ ପଇଁତରା ମାରୁଛି ପୋଲିସ୍ ଟିମ୍




ବଲାଙ୍ଗିର, (ନିପ୍ର) : ସହରରେ ଅପରାଧ ରୋକିବା ପାଇଁ ବଲାଙ୍ଗିର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିବା ବେଳେ ଘାଇଁ ଘାଇଁ ପଇଁତରା ମାରୁଛି ପୋଲିସ୍ ଟିମ୍ । ସୂଚନାଯୋଗ୍ୟ ଯେ, ସହରରେ ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ଜଗିବା ପାଇଁ ଏସ୍‌ପି. ନିତିନ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ଜିଲ୍ଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି କରାଯାଇଛି । ଏଥିପାଇଁ ବଲାଙ୍ଗିର ସହରକୁ ୯ ଗୋଟି ଜୋନ୍‌ରେ ଭାଗ କରାଯାଇଛି । ଏଥି ସହିତ ପୋଲିସ ପେଟ୍ରୋଲିଂ ଜୋରଦାର୍ ଚାଲିଛି । ପ୍ରତି ଜୋନକୁ ଗୋଟିଏ ଲେଖାଏଁ ବାଇକ୍ ପେଟ୍ରୋଲିଂ ପାଇଁ ଦିଆଯାଇଥିବା ବେଳେ ୯ ଟି ଜୋନ୍‌କୁ ୫ ଗୋଟି ବୋଲେରୋ ଗାଡ଼ି ପେଟ୍ରୋଲିଂ ପାଇଁ ବ୍ୟବସ୍ଥା କରାଯାଇଛି । କେବଳ ଏତିକି ନୁହେଁ, ସହରରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଜଣେ ଡିଏସପିଙ୍କ ତତ୍ତ୍ୱାବଧାନରେ ୫୦ ଜଣ କନେଷ୍ଟବଳ, ୭ ଜଣ ପୋଲିସ ଅଧିକାରୀ, ୨ ଜଣ ଇନ୍‌ସପେକ୍‌ଟର ଏହି ସ୍ୱତନ୍ତ୍ର ଅଭିଯାନରେ ସାମିଲ୍ ରହିଛନ୍ତି । ସ୍ୱତନ୍ତ୍ର ଟିମ୍ ଦ୍ୱାରା ଦିନ ୧୧ଟାରେ, ଅପରାହ୍ନ ୫ଟାରେ ଓ ରାତି ୧୦ଟା ୩୦ମି.ରେ ତିନୋଟି ସିଫ୍ଟରେ ପେଟ୍ରୋଲିଂ ଜାରି ରହିଥିବା ବେଳେ ମହିଳା କନେଷ୍ଟବଳମାନେ କଲେଜ ଓ ସ୍କୁଲ ଆଖାପାଖ ଅଂଚଳରେ ସ୍କୁଟି ସାହାଯ୍ୟରେ ପେଟ୍ରୋଲିଂ କରୁଛନ୍ତି । ଏ ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି ସଦର ଏସଡିପିଓ ତୋଫାନ ବାଗ ।

# ବଲାଙ୍ଗିର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ସର୍ବଭାରତୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଏକ ସର୍ବଭାରତୀୟ ରସଶାସ୍ତ୍ର ଓ ଭୈଷଜ୍ୟ କଳ୍ପନା ବିଷୟ ଅନ୍ତର୍ଗତ ଏକ ୬ ଦିନିଆଁ ଡିସେମ୍ବର ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏଥିରେ ବିଭିନ୍ନ ରାଜ୍ୟରୁ ଯଥା ଛତିଶଗଡ଼, ମହାରାଷ୍ଟ୍ର, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଆଦି ବିଭିନ୍ନ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟରୁ ୨୧ ଜଣ ଶିକ୍ଷକ ଯୋଗଦାନ କରିଥିବା ବେଳେ ଭାରତର ବିଭିନ୍ନ ସରକାରୀ ମହାବିଦ୍ୟାଳୟର ୧୨ ଜଣ ପ୍ରଫେସର ସେମାନଙ୍କୁ ରସଶାସ୍ତ୍ର ବିଷୟ ଅନ୍ତର୍ଗତ ବିଭିନ୍ନ ଔଷଧ ମାନଙ୍କର ନିର୍ମାଣ, ପ୍ରୟୋଗ, ଶିକ୍ଷାଦାନ ସହ ପ୍ରସ୍ତୁତି ପ୍ରଣାଳୀ ବିଷୟରେ ବିସ୍ତୃତ ଭାବେ ଶିକ୍ଷାଦାନ କରିବେ । ଏହାର ଉଦ୍‌ଘାଟନ ଉତ୍ସବ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଚନ୍ଦ୍ରଭୂଷଣ. ଝା, ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଭୀମ ସାହୁ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା.ଅରୁଣ କୁମାର ଦାସଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ରସଶାସ୍ତ୍ର ଓ ଭୈଷଜ୍ୟ କଳ୍ପନାର ମୁଖ୍ୟ ଡା. ଶିବବ୍ରତ ବେହେରା ପରିଚାଳନା କରିଥିଲେ ।

ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କର ଆୟୁଷ ମନ୍ତ୍ରଣାଳୟ ତଥା ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ, ନୂଆଦିଲ୍ଲୀର ଅନୁଦାନ ଦ୍ୱାରା ପରିଚାଳନା ହୋଇଥିଲା । ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଡା. ସୁଶାନ୍ତ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୮୯ ବାଟାଲିୟନ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ



ବଲାଙ୍ଗିର, (ନିପ୍ର) : ଓଡ଼ିଶାର ମାଓ ପ୍ରବଣ ବଲାଙ୍ଗିର ଜିଲ୍ଲାର ଆଇନ ଶୃଙ୍ଖଳା ରକ୍ଷା ତଥା ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ନିୟୋଜିତ ୧୮୯ ବାଟାଲିଅନ୍ ସେର୍ଣ୍ଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସ ଅସାମାଜିକ କାର୍ଯ୍ୟକଳାପ ବିରୁଦ୍ଧରେ ଅଭିଯାନ ଚଲାଇବା ସହିତ ଦେଶକୁ ବଜାୟ ଏବଂ ପରିବେଶକୁ ସ୍ୱଚ୍ଛ ରଖିବାରେ ମଧ ଅମୂଲ୍ୟ ଅବଦାନ ରଖିଛି । ଏହି କ୍ରମରେ, ପଓ୍ୱନ କୁମାର ତିଓ୍ୱାରୀ, କମାଣ୍ଡେଣ୍ଟ ୧୮୯ ବାଟାଲିୟନ ନିର୍ଦ୍ଦେଶନାରେ ଡି / ୧୮୯ ବାଟାଲିୟନ ଆସିଷ୍ଟାଣ୍ଟ କମାଣ୍ଡାଟେଣ୍ଟ ଓମ୍‌ପ୍ରକାଶ ଯାଦବ ଏବଂ ବି / ୧୮୯ ବାଟାଲିୟନ ଆସିଷ୍ଟଣ୍ଟ କମାଣ୍ଡାଣ୍ଟଣ୍ଟଲଖଓ୍ୱିନ୍ଦର ସିଂ, ଇନ୍ସପେକ୍ଟର ବିଜୟ କୁମାର, ଇନ୍ସପେକ୍ଟର ପି ଲିମସନ୍ ଏବଂ ଯବାନମାନେ ଯୋଗ ଦେଇ ବଲାଙ୍ଗିର ଜିଲ୍ଲାର ଐତିହାସିକ ବିଶ୍ୱ ପ୍ରସିଦ୍ଧ ହରିଶଙ୍କର ପୀଠ ଠାରେ ଥିବା ମନ୍ଦିର କମ୍ପ୍ଲେକ୍ସ, ପାର୍କିଂ ସ୍ଥାନ, ବସ୍ ଷ୍ଟାଣ୍ଡ ଚାରିଆଡେ ପରିଷ୍କାର ସ୍ୱଚ୍ଛତା ଡ୍ରାଇଭର ଅଭିଯାନର ଆୟୋଜନ କରିଥିଲେ । ଏହି ଅଭିଯାନ ସମୟରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଓମ୍‌ପ୍ରକାଶ ଯାଦବ ଜନସାଧାରଣଙ୍କୁ ସମ୍ବୋଧିତ କରି ଆମ ଦେଶକୁ ପରିଷ୍କାର ଏବଂ ସବୁଜ ସୁନ୍ଦର କରିବାକୁ ପଡିବ ତଥା ଆମ ଆଗାମୀ ପିଢ଼ିକୁ ଏକ ସୁସ୍ଥ ଏବଂ ସୁନ୍ଦର ଭାରତ ଦେବାକୁ ପଡ଼ିବ ବୋଲି କହିଥିଲେ । ଏଥିସହ ସେ କହିଛନ୍ତି ଯେ, ସର୍ବସାଧାରଣ ସ୍ଥାନରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଆମକୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ ଏବଂ ସ୍ଲୋଗାନ ଦେଇ କହିଛନ୍ତି ଯେ, ଭଗବାନ ସ୍ୱଚ୍ଛତା ମଧ୍ୟରେ ରୁହନ୍ତି ।




Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com